ନିରପେକ୍ଷ ଦୈନିକ ସମ୍ବାଦପତ୍ର



ଯା ଦେବୀ ସର୍ବଭୂତେଷୁ............

# ଧ୍ୱନି ପ୍ରତିଧ୍ୱନି

## The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୨୯ ମାର୍ଚ୍ଚ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 29 MARCH 2023
Vol.No. 34 ■ No. 83 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

# ମହଙ୍ଗା ପଡ଼ିଲା ସାବରକର ବିରୋଧୀ ମନ୍ତବ୍ୟ



ନୂଆଦିଲ୍ଲୀ, ୨୮/୦୩ : ସାବରକରଙ୍କ ବୟାନ ପାଇଁ ଏବେ ବଡ଼ ବିବାଦରେ ଫସିଯାଇଛନ୍ତି ରାହୁଲ ଗାନ୍ଧୀ । କେବଳ ବିଜେପି ନୁହେଁ, ବୀର ସାବରକରଙ୍କ ବଂଶଜ ମଧ ରାହୁଲ ଏହି ବୟାନକୁ ନେଇ ଆପତି ଜତାଇଛନ୍ତି । 'ମୋଦୀ ସାଙ୍ଗିଆ' ମନ୍ତବ୍ୟ ପରେ ଏବେ ଆଉ ଏକ ବଡ଼ ବିବାଦରେ ଫସିଯାଇଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ । ନିକଟରେ ସାବରକରଙ୍କ ବିରୋଧରେ ରାହୁଲ ଯେଉଁଭଳି ମନ୍ତବ୍ୟ ଦେଇଥିଲେ, ତାକୁ ନେଇ ଶିବସେନା ସମେତ ହିନ୍ଦୁ ଗୋଷ୍ଠୀ ଅସନ୍ତୋଷ ଜାହିର କରିଛନ୍ତି । ଏବେ ଏହାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ଖୋଦ୍ ବୀର ଦାମୋଦର ସାବରକରଙ୍କ ନାତି ରଞ୍ଜିତ ସାବରକର । ରାହୁଲଙ୍କ ମନ୍ତବ୍ୟକୁ ନିନ୍ଦା କରିବା ସହ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ରଞ୍ଜିତ । ରଞ୍ଜିତ ସାବରକର କହିଛନ୍ତି, ସାବରକରଙ୍କ ନାମକୁ ନେଇ ରାଜନୀତିକରଣ ନିନ୍ଦନୀୟ । ରାହୁଲ ଗାନ୍ଧୀଙ୍କ ଦ୍ୱାରା ସାବରକରଙ୍କ ବିରୋଧୀ ବୟାନ ସମ୍ପୂର୍ଣ୍ଣ ପିଲାଳିଆମି । ହିନ୍ଦୁତ୍ୱ ଉପରେ ଆକ୍ରମଣ କରିବା ଦ୍ୱାରା ମୁସଲିମ୍ ଭୋଟ୍ ଆସିବ ବୋଲି ଅନୁମାନ ହେଉଛି । ସଂଜୟ ରାଉତ କିମ୍ବା ଉଦ୍ଧବ ଠାକରେଙ୍କ ମନରେ ସାବରକରଙ୍କ ପ୍ରତି ବହୁତ ସମ୍ମାନ ରହିଛି । ଉଦ୍ଧବ ଓ ସଂଜୟ ରାଉତ ଏହାକୁ ଗୁରୁତର ସହ ନେବା ଦରକାର ଓ ରାହୁଲଙ୍କୁ କ୍ଷମା ମାଗିବା ପାଇଁ କୁହନ୍ତୁ । ନିଜସ୍ୱ ସ୍ୱାର୍ଥ ପାଇଁ ସାବରକରଙ୍କ ବିରୋଧରେ ମନ୍ତବ୍ୟ ଦେବା ବନ୍ଦ କରାଯାଉ ବୋଲି ରଞ୍ଜିତ ସାବରକର କହିଛନ୍ତି । ସେପଟେ ଶିବସେନା ଉଦ୍ଧବ ଗୋଷ୍ଠୀ ମଧ ରାହୁଲଙ୍କ ବୟାନକୁ ନେଇ ଆପତ୍ତି ପ୍ରକାଶ କରିଛି । ଉଦ୍ଧବ ଠାକରେ ଓ ସଂଜୟ ରାଉତ ମନ୍ତବ୍ୟକୁ ବିରୋଧ କରିବା ସହ ମହାରାଷ୍ଟ୍ରରେ ମହାବିକାଶ ଅଘାଡ଼ି ସହ ମେଣ୍ଟ ଭାଙ୍ଗିବାକୁ ଚେତାବନୀ ଦେଇଛନ୍ତି । ସଂଜୟ ରାଉତ କହିଛନ୍ତି, ବୀର ସାବରକରଙ୍କୁ ▶▶ପୃଷ୍ଠା ୭

# ବ୍ୟାପିଛି ଜାଲ ସାର୍ଟିଫିକେଟ୍ ରାକେଟ

## ବଲାଙ୍ଗୀରରୁ ଉତ୍ତରପ୍ରଦେଶ ପର୍ଯ୍ୟନ୍ତ ଲମ୍ବିଛି ଚେର



ଭୁବନେଶ୍ୱର, ୨୮/୦୩ (ନି.ପ୍ର): ଜାଲ ସାର୍ଟିଫିକେଟ୍ ରାକେଟ ସାରା ଓଡିଶାରେ ବ୍ୟାପିଛି । ବଲାଙ୍ଗୀର ପରେ, କେନ୍ଦ୍ରାପଡା, ଢେଙ୍କାନାଳ ଓ ଫୁଲବାଣୀରୁ ଆସିଛି ଜାଲ ସାର୍ଟିଫିକେଟ୍ ଦେଇ ଡାକ ବିଭାଗରେ ଚାକିରି ପାଇଁ ଆବେଦନ କରିଥିବାର ପ୍ରମାଣ । କେନ୍ଦ୍ରାପଡା ଜିଲ୍ଲାରେ ନକଲି ମାଟ୍ରିକ ସାର୍ଟିଫିକେଟ ଦେଇ ଡାକ ବିଭାଗରେ ଚାକିରି ପାଇଁ ଜଣେ ପ୍ରାର୍ଥୀ ଆବେଦନ କରିଥିବା ଜଣାପଡିବା ପରେ, ଆବେଦନକାରୀଙ୍କ ନାଁରେ କେନ୍ଦ୍ରାପଡା ଟାଉନ ଥାନାରେ ଏତଲା ଦିଆଯାଇଛି । ସେହିପରି ଫୁଲବାଣୀରେ ଜାଲ ସାର୍ଟିଫିକେଟ ଦେଇ ଡାକ ବିଭାଗରେ ଚାକିରି ପାଇଁ ୬ଜଣ ଆବେଦନକାରୀ ଆବେଦନ କରିଥିବା ସାମନାକୁ ଆସିବା ପରେ ସେମାନଙ୍କ ବିରୋଧରେ ଥାନାରେ ଫୁଲବାଣୀ ଡାକ ମଣ୍ଡଳ ତରଫରୁ ଏତଲା ଦିଆଯାଇଛି । ଢେଙ୍କାନାଳରୁ ମଧ ଆସିଛି ସମାନ ଅଭିଯୋଗ । ଫୁଲବାଣୀ ଡାକ ମଣ୍ଡଳ ଅଧିକାରୀଙ୍କ ସୂଚନା ଅନୁସାରେ, ପ୍ରାର୍ଥୀମାନଙ୍କ ପ୍ରମାଣପତ୍ର ଯାଂଚ ବେଳେ ୬ଜଣଙ୍କ ପ୍ରମାଣପତ୍ର ଜାଲ ଥିବା ଜଣାପଡିଥିଲା । ସେଥିରୁ ୫ଜଣଙ୍କର ଆହ୍ଲାବାଦ ବୋର୍ଡର ସାର୍ଟିଫିକେଟ ହୋଇଥିବାବେଳେ, ଜଣଙ୍କର ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ସାର୍ଟିଫିକେଟ୍ ରହିଛି । ସେହିପରି ଭଦ୍ରକ ଜିଲ୍ଲା ଲୁଣିଆ ଗାଁର ଅନିତା ଜେନା, ନକଲି ସାର୍ଟିଫିକେଟ ଦେଇ ଚାକିରି ପାଇଁ କେନ୍ଦ୍ରାପଡାରେ ଆବେଦନ କରିଥିଲେ । କିନ୍ତୁ ସେ ଦେଇଥିବା ମାର୍କସିଟ୍ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଇଛି । ୟୁପିର ଏକ ବୋର୍ଡରେ ପାସ କରିଥିଲେ ବି ସାହିତ୍ୟରେ ଶହେରୁ ୯୯ ରଖିଛନ୍ତି । ଗ୍ରାମିଣ ଡାକ ସେବକ , ଶାଖା ପୋଷ୍ଟମାଷ୍ଟର ଓ ସହକାରୀ ପୋଷ୍ଟ ମାଷ୍ଟର ପଦରେ ନିଯୁକ୍ତି ପାଇଁ ସାରାଦେଶରେ ୪୦ ହଜାର ପୋଷ୍ଟ ବାହାରିଥିଲା । ଓଡିଶାରେ ୧୩୮୨ ପୋଷ୍ଟ ପାଇଁ ବିଜ୍ଞାପନ ବାହାରିଥିଲା । ଆଉ ୧୩୮୦ ଜଣଙ୍କୁ ମେରିଟ୍ରେ ଚୟନ କରାଯାଇଥିଲା । ମେରିଟରେ ଚୟନ ହୋଇଥିବା ପ୍ରାର୍ଥୀଙ୍କ ସାର୍ଟିଫିକେଟ ଯାଂଚ ବେଳେ ବଲାଙ୍ଗୀରରେ ନକଲି ବୋଲି ଜଣାପଡିଥିଲା । ଅଧିକାଂଶ ସାର୍ଟିଫିକେଟରେ ପିଲାମାନଙ୍କ ମାର୍କ ଶହେରୁ ୯୯ ରହିବା ଓ ଉତ୍ତରପ୍ରଦେଶ ବୋର୍ଡର ଅଧିକାଂଶ ହୋଇଥିବାରୁ ସନ୍ଦେହ ସୃଷ୍ଟି ହୋଇଥିଲା । ତାପରେ ପଚରାଉଚୁରାରୁ ସାମନାକୁ ଆସିଥିଲା ନକଲି ସାର୍ଟିଫିକେଟର ପୂରା କାହାଣୀ । ସ୍ଥାନୀୟ ଅଂଚଳରେ କୋଚିଂ ସେଂଟର ଚଳାଇଥିବା ମନୋଜ ମିଶ୍ର ମାଟ୍ରିକ ଠାରୁ ▶▶ପୃଷ୍ଠା ୭

## ଅକ୍ଷୟ ପରିଜାଙ୍କ ବିରୋଧରେ ଟଙ୍କା ଦେଉନଥିବା ଅଭିଯୋଗ ଆଣିଲେ କଳାକାର



ଭୁବନେଶ୍ୱର, ୨୮/୦୩ (ନି.ପ୍ର): ଓଡିଆ ସିନେ ପ୍ରଯୋଜକ ଅକ୍ଷୟ ପରିଜାଙ୍କ ବିରୋଧରେ ଟଙ୍କା ଦେଉନଥିବା ଅଭିଯୋଗ ଆସିଛି। ଅକ୍ଷୟଙ୍କ ପ୍ରଯୋଜନା ସଂସ୍ଥା ଅଭିନୟ ପାଇଁ ଚୁକ୍ତି କରି ପାରିଶ୍ରମିକ ଦେଉନଥିବା ଅଭିଯୋଗ ଆଣିଛନ୍ତି କଳାକାର। ଭୁବନେଶ୍ୱର କଂଟାବାଡରେ ସୁଟିଂ ଚାଲିଥିବା ବେଳେ କଳାକାରମାନେ ପହଂଚି ଅକ୍ଷୟ ପରିଜା ପ୍ରଡକ୍ସନ୍ ହାଉସ୍ ସାମ୍ନାରେ ଧାରଣା ଦେଇଛନ୍ତି। ଜଣେ କଳାକାର କହିଛନ୍ତି, ଆମ ସୁଟିଂ ସରିବା ପାଖାପାଖି ଅଢେଇ ମାସ ଟପିଗଲାଣି। ନଭେମ୍ବର, ଡିସେମ୍ବର ଏବଂ ଜାନୁଆରୀ ମାସର ଟଙ୍କା ଏପର୍ଯ୍ୟନ୍ତ ମିଳିପାରିଲାନି । ଦୀର୍ଘ ଦିନ ଅପେକ୍ଷା ପରେ ମାର୍ଚ୍ଚ ୧୬ରେ ସାରଙ୍କ ଅଫିସକୁ ଯାଇଥିଲୁ । ସେଠାରେ ସାର କହିଲେ ମୋର ଅନେକ ଲସ୍ ହୋଇଛି। ଆଉ ୧୫ଦିନ ଅପେକ୍ଷା କରିନିଅ। କିନ୍ତୁ ବର୍ତମାନ ସୁଦ୍ଧା ଟଙ୍କା ମିଳିଲାନି। ଅପରପକ୍ଷରେ ଅଭିଯୋଗ ଉପରେ ପ୍ରତିକ୍ରିୟା ଦେଇ ଅକ୍ଷୟ କହିଛନ୍ତି, ସେ ଏବେ ବିଦେଶରେ ଅଛନ୍ତି । କିଛି କଳାକାର ତାଙ୍କ ବିରୋଧରେ ଟଙ୍କା ଦେଇନଥିବା ଅଭିଯୋଗ କରିଛନ୍ତି । ତାଙ୍କର ଗୋଟିଏ ବ୍ୟାଙ୍କ ଆକାଉଂଟ ଟେକନିକାଲ ସମସ୍ୟା ଯୋଗୁ ଫ୍ରିଜ ହୋଇଯାଇଥିଲା । ତାହା ଆଜି କ୍ଲିୟର ହୋଇଛି। ସେ କହିଛନ୍ତି କାହାରି ଟଙ୍କା ରଖିବାର ଅଭିପ୍ରାୟ ନାହିଁ ।

## ବହୁଚର୍ଚ୍ଚିତ ଉମେଶ ପାଲ ଅପହରଣ ଓ ହତ୍ୟା ମାମଲା

# ମୁଖ୍ୟ ଅଭିଯୁକ୍ତ ଆତିକ୍ ଅହମ୍ମଦ ସମେତ ୩ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ



ନୂଆଦିଲ୍ଲୀ, ୨୮/୦୩ : ବହୁଚର୍ଚ୍ଚିତ ଉମେଶ ପାଲ ଅପହରଣ ଓ ହତ୍ୟା ମାମଲାରେ ଆସିଲା ରାୟ । ମାଫିଆ ଆତିକ୍ ଅହମ୍ମଦ ସମେତ ୩ ଅଭିଯୁକ୍ତ ହନିଫ ଓ ଦିନେଶ ପାସିଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି । ଏଥିସହ କୋର୍ଟ ୩ ଜଣଙ୍କ ଉପରେ ଲକ୍ଷେ ଟଙ୍କା ଲେଖାଏଁ ଜରିମାନା ଲଗାଇଛନ୍ତି । ୧୭ ବର୍ଷ ତଳର ପୁରୁଣା ମାମଲାରେ ପ୍ରୟାଗରାଜ ଏମପି-ଏମଏଲଏ କୋର୍ଟ ଏହି ରାୟ ଶୁଣାଇଛନ୍ତି । ମାମଲାରେ ୧୧ଜଣ ଅଭିଯୁକ୍ତ ଥିବା ବେଳେ ଜଣଙ୍କର ମୃତ୍ୟୁ ହୋଇସାରିଛି । ବାକି ୧୦ ଅଭିଯୁକ୍ତଙ୍କ ମଧ୍ୟରୁ ୩ ଜଣଙ୍କୁ ଦୋଷୀ ସାବ୍ୟସ୍ତ ହୋଇଥିବା ବେଳେ ବାକି ୭ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ୍ କରାଯାଇଛି । ସେମାନଙ୍କ ମଧ୍ୟରେ ଆତିକ୍ଙ୍କ ଭାଇ ଅସରଫ ଅହମ୍ମଦ ମଧ ରହିଥିଲେ । ଶୁଣାଣି ପାଇଁ କୋର୍ଟରେ ଅତିକ୍ ଅହମ୍ମଦ ଓ ତାର ଭାଇ ଖଲିଦ ଅହମ୍ମଦ ଓରଫ ଅସରିଫ ଉଭୟଙ୍କୁ କୋର୍ଟରେ ହାଜର କରାଯାଇଥିଲା । ଉଭୟେ ଅଲଗା ଅଲଗା ଜେଲରେ ଥିବା ବେଳେ ଏଥିପାଇଁ ଉଭୟ କୋର୍ଟ ଓ ଜେଲ ପରିସରରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ୨୦୦୫ରେ ବହୁଜନ ସମାଜବାଦୀ ପାର୍ଟିର ତତ୍କାଳୀନ ବିଧାୟକ ରାଜୁ ପାଲଙ୍କୁ ହତ୍ୟା କରାଯାଇଥିଲା, ଯାହାର ସାକ୍ଷୀ ଥିଲେ ଉମେଶ ପାଲ । ୨୦୦୬ ଫେବ୍ରୁୟାରୀ ୨୪ ତାରିଖରେ ଉମେଶ ପାଲ ଓ ତାଙ୍କ ସୁରକ୍ଷାରେ ନିୟୋଜିତ ୨ଜଣ ପୋଲିସ କର୍ମୀଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା । ଏହା ପରେ ଉମେଶ ପାଲଙ୍କ ପତ୍ନୀ ଜୟାଙ୍କ ଅଭିଯୋଗ ଆଧାରରେ ମାଫିଆ ଅତିକ ଅହମ୍ମଦ, ତାର ଭାଇ ଅସରଫଙ୍କ ସମେତ ୯ ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା । ନିକଟରେ ଉମେଶ ପାଲଙ୍କୁ ମଧ ଦିନ ଦ୍ୱିପହରରେ ଗୁଳି କରି ହତ୍ୟା କରାଯାଇଥିଲା । ଯାହା ଉପରେ ୟୁପି ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇ ଦୁଇ ଅଭିଯୁକ୍ତଙ୍କୁ ଏନକାଉଣ୍ଟର କରିଥିଲା ।

# ସରକାରୀ ବାସଭବନ ଛାଡ଼ିବାକୁ ରାଜି ହେଲେ ରାହୁଲ ଗାନ୍ଧୀ



ନୂଆଦିଲ୍ଲୀ, ୨୮/୦୩ : ଯେଉଁ ତତ୍ପରତାରେ ରାହୁଲ ଗାନ୍ଧୀଙ୍କ ସଭ୍ୟପଦ ରଦ୍ଦ ହୋଇଥିଲା, ଯେଉଁ ଢଙ୍ଗରେ ସରକାରୀ ବଙ୍ଗଳା ଖାଲି କରିବାକୁ ନୋଟିସ୍ ହୋଇଥିଲା, ସେଇ ସମାନ ଢଙ୍ଗରେ ତତ୍ପରତା ଦେଖାଇ ସରକାରୀ ବଙ୍ଗଳା ଛାଡ଼ିବାକୁ ରାଜି ହୋଇଛନ୍ତି ରାହୁଲ ଗାନ୍ଧୀ । ଲୋକସଭା ସଚିବାଳୟର ଉପସଚିବଙ୍କୁ ଚିଠି କରି, ରାହୁଲ ଲେଖିଛନ୍ତି- ଲୋକଙ୍କ ଜନାଦେଶ ବଳରେ ୪ଥର ଲୋକସଭାର ସଦସ୍ୟ ହୋଇଛି । ମୋର ଅଧିକାରକୁ ପକ୍ଷଭୁକ୍ତ ନକରି, ମୁଁ ନିଶ୍ଚିତ ଭାବେ ଆପଣଙ୍କ ଆଦେଶକୁ ପାଳନ କରିବି । ଆଉ ନୋଟିସରେ କୁହାଯାଇଥିବା ସବୁ ପଦକ୍ଷେପ ଗ୍ରହଣ କରିବି । ଅର୍ଥାତ୍ ସଫାସଫା ବଙ୍ଗଳା ଛାଡ଼ିବାକୁ ସହମତି ଦେଖାଇଛନ୍ତି ରାହୁଲ ଗାନ୍ଧୀ । ରାହୁଲ ଗାନ୍ଧୀ ବଙ୍ଗଳା ଛାଡ଼ିବାକୁ ରାଜି ହୋଇଥିବା ବେଳେ ଏବେ ସେ କେଉଁଠି ରହିବେ ତାକୁ ନେଇ ଚର୍ଚ୍ଚା ହୋଇଛି । ଆଉ ଠିକ୍ ଏତିକି ବେଳେ କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି, ଯଦି ରାହୁଲ ଗାନ୍ଧୀ ବଙ୍ଗଳା ଖାଲି କରନ୍ତି । ତେବେ ନିଜ ମା' ସୋନିଆ ଗାନ୍ଧୀ ସହ ରହିପାରିବେ । ନଚେତ୍ ମୋ ପାଖରେ ଆସି ମଧ ରହିପାରିବେ । ରାହୁଲ ଗାନ୍ଧୀଙ୍କ ସଭ୍ୟ ପଦ ରଦ୍ଦକୁ ନେଇ ବିବାଦ ଥମିନଥିବା ବେଳେ ଏବେ ଆଉ ଏକ ବିବାଦ ମୁଣ୍ଡ ଟେକି ଠିଆ ହୋଇଛି । ଏହି ବିବାଦ ପଛରେ ରହିଛି, ରାହୁଲ ଗାନ୍ଧୀଙ୍କ ଏହି ବୟାନ୍ । ରାହୁଲ ଗାନ୍ଧୀଙ୍କ ଏହି ବୟାନକୁ ନେଇ ଅଡୁଆରେ ପଡ଼ିଛନ୍ତି ରାହୁଲ ଗାନ୍ଧୀ । ଏହି ବୟାନକୁ ନେଇ କେବଳ ବିଜେପି ନୁହେଁ ବରଂ ସାବରଙ୍କର ବଂଶଧର ଭାବେ ଆପତି ଉଠାଇଛନ୍ତି । ଯଦି ରାହୁଲ ଗାନ୍ଧୀ ମନ୍ତବ୍ୟକୁ ଫେରାଇ ନନିଅନ୍ତି, ତେବେ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି ବୀର ସାବରକରଙ୍କ ନାତି । ଏପଟେ ସଭ୍ୟପଦ ରଦ୍ଦ ପ୍ରସଙ୍ଗରେ ରାହୁଲଙ୍କୁ ସମର୍ଥନ ଦେଉଥିବା ଶିବସେନାର ଉଦ୍ଧବ ଗୋଷ୍ଠୀ ଏହି ବୟାନକୁ ନେଇ ଆପତି ଉଠାଇଛନ୍ତି । ଉଦ୍ଧବ ଠାକରେ ଏବଂ ସଂଜୟ ରାଉତ ଏହି ମନ୍ତବ୍ୟକୁ ବିରୋଧ କରିବା ସହ ମହାରାଷ୍ଟ୍ରରେ ମହାବିକାଶ ଅଘାଡ଼ି ସହ ମେଂଟ ଭାଙ୍ଗିବାକୁ ଚେତାବନୀ ଦେଇଛନ୍ତି । ଏସବୁ ଭିତରେ ରାହୁଲଙ୍କ ଲୋକସଭା ସଦସ୍ୟତା ଯିବା ପରେ ଆମେରିକା ରଖିଛି ପ୍ରତିକ୍ରିୟା । ଆମେରିକା ବୈଦେଶିକ ବିଭାଗର ମୁଖପାତ୍ର ବେଦାନ୍ତ ପଟେଲ କହିଛନ୍ତି, ଆଇନ୍ ଓ ନ୍ୟାୟିକ ସ୍ୱାଧୀନତାର ସମ୍ମାନ ଯେକୌଣସି ଗଣତନ୍ତ୍ରର ମୂଳ ଆଧାର । ଗଣତାନ୍ତ୍ରିକ ମୂଲ୍ୟବୋଧ ସହିତ ବାକ୍ ସ୍ୱାଧୀନତା ଜରୁରୀ । ଆମେରିକା ଭାରତ ସରକାର ସହ ଯୋଗାଯୋଗରେ ଅଛନ୍ତି ।

## ମୋ ବସ୍‌ରୁ ୫୦ ହଜାର ଟଙ୍କା ଲୁଟ୍ ଅଭିଯୋଗ

ଭୁବନେଶ୍ୱର, ୨୮/୦୩ (ନି.ପ୍ର): ମୋ ବସରୁ ପୁଣି ଥରେ ଲୁଟ୍ ଲୁଟ୍ ଅଭିଯୋଗ ଆସିଛି। ୫୦ ହଜାର ଟଙ୍କା ଲୁଟ୍ ହୋଇଥିବା ନେଇ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ ହୋଇଛି। ଲୁଟର ଶୀକାର ହୋଇଛନ୍ତି ବାଙ୍କୀ ଅଂଚଳର ରାଜକିଶୋର ଜେନା। ବାହାଘର ପାଇଁ ଲୁଗାପଟା କିଣିବାକୁ ଭୁବନେଶ୍ୱର ଆସିବା ବେଳେ ରାଜକିଶୋର ଲୁଟର ଶୀକାର ହୋଇଛନ୍ତି । ସୂଚନା ଅନୁଯାୟୀ ବାଙ୍କୀ ଥାନା ବିଲୁପଡାର ରାଜକିଶୋର ଜେନା ସପରିବାର ଭୁବନେଶ୍ୱର ଆସିବା ପାଇଁ ତ୍ରିଶୂଳିଆରୁ ୧୮ ନମ୍ବର ବସରେ ବସିଥିଲେ । ଚନ୍ଦ୍ରଶେଖରପୁର ଅଂଚଳରେ ତାଙ୍କର ୫୦ ହଜାର ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ରାଜକିଶୋର ଏନେଇ ଚନ୍ଦ୍ରଶେଖରପୁର ଥାନାରେ ଏଫଆଇଆର ଦାଖଲ କରିଛନ୍ତି। ପୂର୍ବରୁ ମଧ୍ୟ ବହୁ ବାର ମୋ ବସ୍ ରୁ ଟଙ୍କା ଓ ମୋବାଇଲ ଫୋନ୍ ଲୁଟ୍ ର ଅଭିଯୋଗ ରହିଛି।

## ଆଇଏନଏସ ଚିଲିକାରେ ପ୍ରଥମ ବ୍ୟାଚ୍ ନୌସେନା ଅଗ୍ନିବୀରଙ୍କ ପାସିଂ ଆଉଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ

ଖୋର୍ଦ୍ଧା/ଭୁବନେଶ୍ୱର, ୨୮/୦୩ (ନି.ପ୍ର): ଆଇଏନଏସ ଚିଲିକାରେ ପ୍ରଥମ ବ୍ୟାଚ୍ ନୌସେନା ଅଗ୍ନିବୀରଙ୍କ ପାସିଂ ଆଉଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ଅଗ୍ନିବୀରମାନେ ୪ ମାସର ତାଲିମ ନେଇଥିଲେ। ତେବେ ଆଇଏନଏସ ଚିଲିକା ଟ୍ରେନିଂ ସେଂଟରରେ ମୋଟ ୨୫୯୭ ଅଗ୍ନିବୀର ତାଲିମ ନେଇଥିଲେ।ଏହି ତାଲିମରେ ୨୫୯୭ ଅଗ୍ନିବୀରଙ୍କ ମଧ୍ୟରେ ୨୭୩ ଜଣ ମହିଳା ତାଲିମ ନେଉଥିଲେ। ଏହି ପାସିଂ ଆଉଟ କାର୍ଯ୍ୟକ୍ରମରେ ନୌସେନା ମୁଖ୍ୟ ଆଡମିରାଲ ଆର. ହରି କୁମାର ଉପସ୍ଥିତ ରହିଥିଲା ବେଳେ ଭାରତୀୟ ଅଲିମ୍ପିକ ସଂଘ ସଭାପତି ପିଟି ଉଷା ମଧ ଉପସ୍ଥିତ ରହି ଅଗ୍ନିବୀରମାନଙ୍କୁ ଉତ୍ସାହିତ କରିଥିଲେ।

# ନୂତନ ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ନେଲେ ନିକୁଞ୍ଜ ଧଳ



ଭୁବନେଶ୍ୱର, ୨୮/୦୩ (ନି.ପ୍ର): ବରିଷ୍ଠ ଆଇଏଏସ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ମଙ୍ଗଳବାର ନୂତନ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ମୁଖ୍ୟ ନିର୍ବାଚନ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ନୂତନ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ସ୍ୱାଗତ ଜଣାଇଥିଲେ । ଶ୍ରୀ ଧଳ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ, ଶକ୍ତି, ଅବକାରୀ, ଓସ୍‌ଡମା ଓ ସ୍ୱତନ୍ତ୍ର ରିଲିଫ୍ କମିଶନର ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱରେ ରହି ସୁଚାରୁ ରୂପେ କାର୍ଯ୍ୟ ସଂପାଦନ କରିଛନ୍ତି । ଅନ୍ୟପକ୍ଷରେ ବିଦାୟୀ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀଙ୍କୁ ମଙ୍ଗଳବାର ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ▶▶ପୃଷ୍ଠା ୭

# ବଢିଲା ଆଧାର ସହ ପାନ୍ ଲିଙ୍କର ସମୟ ସୀମା : ମାର୍ଚ୍ଚ ୩୧ ପରିବର୍ତ୍ତେ ଜୁନ୍ ୩୦ ହେଲା ଶେଷ ତାରିଖ




ନୂଆଦିଲ୍ଲୀ, ୨୮/୦୩ : ଆଉ ଆପଣଙ୍କୁ ଚିନ୍ତା କରିବାର ଆବଶ୍ୟକତା ନାହିଁ । କାରଣ ସରକାର ଏବେ ଆପଣଙ୍କ ଚିନ୍ତା ଦୂର କରିବା ଦିଗରେ ନେଇଛନ୍ତି ପଦକ୍ଷେପ । ଆଧାର ସହ ପ୍ୟାନ ଲିଙ୍କର ସମୟ ସୀମା ଆଉ ମାତ୍ର କେଇଟା ଦିନ ବାକି ଥିବା ବେଳେ କେନ୍ଦ୍ର ସରକାର ଏବେ ଏହି ସମୟ ସୀମାକୁ ପୁଣି ବଢାଇ ଦେଇଛନ୍ତି । ମାର୍ଚ୍ଚ ୩୧ ପରିବର୍ତ୍ତେ ଏବେ ଆଧାର ସହ ପ୍ୟାନ ଲିଙ୍କର ଶେଷ ତାରିଖ ୩୦ ଜୁନ୍ ୨୦୨୩ କରାଯାଇଛି । ଅର୍ଥାତ ଏବେ ଆପଣଙ୍କ ହାତରେ ୩ ମାସର ସମୟ ସୀମା ରହିଛି । ଆୟକର ବିଭାଗ ରିପୋର୍ଟ ମୁତାବକ ଏବେ ଯାଏଁ ୨ କୋଟି ପ୍ୟାନକାର୍ଡ ଧାରକ ନିଜ ପ୍ୟାନ କାର୍ଡକୁ ଆଧାର ସହ ଲିଙ୍କ କରିନାହାନ୍ତି । ତେଣୁ ପ୍ୟାନକାର୍ଡ ଧାରକଙ୍କୁ ଆଉ ଟିକେ ଆଶ୍ୱସ୍ତି ଦେଇ ସରକାର ପ୍ୟାନକାର୍ଡ ଲିଙ୍କର ସମୟ ସୀମାକୁ ୩୦ ଜୁନ ଯାଏଁ ବଢାଇ ଦେଇଛନ୍ତି । ଇନକମ ଟ୍ୟାକ୍ସର ଧାରା ୧୯୬୧ ଅନୁସାରେ ପ୍ୟାନକାର୍ଡକୁ ଆଧାରକାର୍ଡରେ ଲିଙ୍କ କରିବା ବାଧ୍ୟତାମୂଳକ । ଏମିତି ନକଲେ ଆପଣଙ୍କୁ ଜରିମାନା ଦେବାକୁ ହେବ । ପ୍ୟାନ-ଆଧାର ଲିଙ୍କ ବିନା ଆପଣଙ୍କର ଅନେକ କାମ ମଧ ଅଟକିଯାଇପାରେ । ତେଣୁ କେଇ ମିନିଟ ଭିତରେ ଆପଣ ସହଜରେ ଆପଣଙ୍କ ପ୍ୟାନକାର୍ଡକୁ ଆଧାର ସହ ଲିଙ୍କ କରିପାରିବେ । ଏଥିପାଇଁ ଅନଲାଇନ ଅପ୍ସନ ଅଛି, ଯେଉଁଠି କିଛି ଷ୍ଟେପ ଫଲୋ କରି ଆପଣ ଏହା କରିପାରିବେ ।

# ଏପ୍ରିଲ ୧ ଯାଏଁ ରହିବ ପଶ୍ଚିମାଝଡର ପ୍ରଭାବ

ଭୁବନେଶ୍ୱର, ୨୮/୦୩ (ନି.ପ୍ର): ଆସନ୍ତା ଏପ୍ରିଲ ୧ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ସ୍ଥାନରେ ବିଜୁଳି ଘଡଘଡି ସହ ଝଡ ବର୍ଷା ଲାଗି ରହିବ। ୨୯ ତାରିଖରୁ ନୂଆ ପଶ୍ଚିମାଝଡ ସୃଷ୍ଟି ହେବାକୁ ଥିବା ବେଳେ ୩୦ ତାରିଖରୁ ଏହାର ପ୍ରଭାବ ଦେଖିବାକୁ ମିଳିବ। ୩୧ ତାରିଖରେ ପଶ୍ଚିମାଝଡର ସର୍ବାଧିକ ପ୍ରଭାବ ଦେଖାଦେବ । ୩୧ ରେ ଝଡ଼-ପବନ ସହ ପ୍ରବଳ ବର୍ଷା ( ୭ ରୁ ୧୧ ସେମି) ଏବଂ ବିଜୁଳି ଘଡଘଡି ହେବାର ସମ୍ଭାବନା ରହିଛି। ସେହିପରି ୧ ଅପ୍ରେଲ ରେ ମଧ୍ୟ ଝଡ଼-ପବନ ସହ ବିଜୁଳି ଘଡଘଡି ହୋଇପାରେ। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ଅପରପକ୍ଷରେ ଆଜି (୨୮ ତାରିଖ) ମଧ୍ୟ ରାଜ୍ୟର ଉପକୂଳ ଜିଲ୍ଲା ସମେତ ପାଶ୍ୱବର୍ତୀ ଜିଲ୍ଲା ଗୁଡିକରେ ବିଜୁଳି ଘଡଘଡି ସହ ବର୍ଷା ହୋଇଛି। ସେହିପରି ଭୁବନେଶ୍ୱର ଓ କଟକ ଟ୍ୱିନ୍ ସିଟିରେ ମଧ୍ୟ ଝଡ ବର୍ଷା ହୋଇଥିବାର ସୂଚନା ମିଳିଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ▶▶ପୃଷ୍ଠା ୭

## କୋର୍ଟରୁ ଚମ୍ପଟ ମାରିଥିବା ଅଭିଯୁକ୍ତ ଗିରଫ

ଜୟପୁର, ୨୮/୦୩ (ନି.ପ୍ର): କୋର୍ଟରୁ ଚମ୍ପଟ ମାରିଥିବା ଅଭିଯୁକ୍ତକୁ ଗିରଫ କଲା ଜୟପୁର ଟାଉନ ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ମାଛକୁଣ୍ଡ ଥାନା ମନ୍ତ୍ରୀପୁଟ ଗ୍ରାମର ମନ ପାଙ୍ଗୀ । ପୋଲିସ ସୁଚନା ଅନୁଯାଇ ବୈପାରିଗୁଡା ପୋଲିସ ଗତ ୨୦୨୨ ଜାନୁଆରେ ଗଞ୍ଜେଇ ଚାଲାଣ କରୁଥିବା ବେଳେ ଚଢାଉ କରିଥିଲା । ଏହି ଚଢାଉରେ ମାଛକୁଣ୍ଡ ଥାନା ମନ୍ତ୍ରୀପୁଟ ଗ୍ରାମର ମନ ପାଙ୍ଗୀକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସେହି ସମୟରେ ପୋଲିସକୁ ଧକ୍କା ଦେଇ ଅଭିଯୁକ୍ତ ମନ ପାଙ୍ଗୀ ଚମ୍ପଟ ମାରିଥିଲା । ଏନେଇ ବୈପାରିଗୁଡା ପୋଲିସ ତରଫରୁ ଜୟପୁର ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ରେ ଜାଣି କୁନ୍ଦୁରାରୁ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଟାଉନ ପୋଲିସ ତରଫରୁ ସୁଚନା ଦିଆଯାଇଛି ।

## ବୁଦ୍ଧେଶ୍ୱର ପାର୍କ ସକାଶେ ଜମି ଅଧିଗ୍ରହଣ

ଭୁବନ, ୨୮/୦୩ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ଭୁବନ ବିଜ୍ଞାପିତ ଅଂଚଳ ପରିଷଦରେ ଏକ ବୃହତ ପାର୍କ ନିର୍ମାଣ ସକାଶେ ରାଜ୍ୟ ସରକାର ୭୫ ଲକ୍ଷ ଟଙ୍କା ଯୋଗାଇ ଦେଇଥିଲେ । ସଠିକ ସ୍ଥାନ ନିରୁପଣ ଓ ଜବରଦଖଲ ଉଚ୍ଛେଦ ହୋଇ ନପାରିବା କାରଣରୁ ଅନୁଦାନ ଫେରିଯିବାକୁ ବସିଥିଲା । ସମସ୍ୟାକୁ ଅନୁଭବ କରି ଓ ଜନସାଧାରଣଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ନଗରପାଳ ଶୁଭେନ୍ଦୁ କୁମାର ସାହୁ ଏହି ଘଟଣା ସଂପର୍କରେ ମାନ୍ୟବର ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଙ୍କ ସମେତ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶକ୍ରମେ ଆଜି କାମାକ୍ଷାନଗର ଉପଜିଲ୍ଲାପାଳ ଜ୍ୟୋତି ଶଙ୍କର ସାହୁ , ଭୁବନ ତହସିଲଦାର ଅଂଶୁମାନ ମହାପାତ୍ର, ଅତିରିକ୍ତ ତହସିଲଦାର ରାଜୀବ ଲୋଚନ ବେହେରା, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ରଂଜନ କୁମାର ଦେ, ଭୁବନ ଥାନା ଆଇ ଆଇ ସି ସୌଭାଗ୍ୟ କୁମାର ସ୍ୱାଇଁ ପୋଲିସ ଫୋର୍ସ ଙ୍କ ସହାୟତାରେ ବୁଦ୍ଧେଶ୍ୱର ମନ୍ଦିର ନିକଟସ୍ଥ ପାର୍କ ପାଇଁ ଚିହ୍ନଟ ଜାଗାକୁ ଯାଇ ଜବରଦଖଲ ମୁକ୍ତ କରିଥିଲେ । କେତେକ ବେଆଇନ ଜବରଦଖଲକାରୀ ନଗରପାଳ ଙ୍କ ଅନୁରୋଧ ରକ୍ଷା କରି ସ୍ୱେଚ୍ଛାକୃତ ଭାବେ ଜବରଦଖଲରୁ ଓହରି ଯାଇ ପାର୍କ ପାଇଁ ଜମି ଦେଇଥିଲେ । ଏହି ଉଚ୍ଛେଦ କାର୍ଯ୍ୟରେ ନଗରପାଳ ଶୁଭେନ୍ଦୁ ସାହୁ ଙ୍କୁ ସମେତ ନିର୍ବାହୀ ଅଧିକାରୀ ଶ୍ୟାମ ସୁନ୍ଦର ସାହୁ, କନିଷ୍ଠ ଯନ୍ତ୍ରୀ ଶକ୍ତି ପ୍ରସାଦ ସାହୁ, କାଉନସିଲର ପପୁ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# କନ୍ଧମାଳରେ ରେକର୍ଡ଼ ପଣସ ଉତ୍ପାଦନ: ଅଭାବୀ ବିକ୍ରି ଯୋଗୁଁ ଆଦିବାସୀ କ୍ଷତିରେ



ଫୁଲବାଣୀ/ କନ୍ଧମାଳ, ୨୮/୦୩ (ନି.ପ୍ର): ଫୁଲବାଣୀ ଓ କନ୍ଧମାଳ ଜିଲ୍ଲାରେ ଚଳିତବର୍ଷ ରେକର୍ଡ ପରିମାଣର ପଣସ ଉତ୍ପାଦନ ହେବାକୁ ଯାଉଛି । ଏତେ ମାତ୍ରାରେ ପଣସ ଉତ୍ପାଦନ ହେଉଛି ଯେ, ବର୍ତ୍ତମାନ ଗଦାଗଦା କଞ୍ଚା ପଣସ ବାହାରକୁ ଚାଲାଣ ହେଉଛି । ଏମିତିରେ କନ୍ଧମାଳ ଜିଲ୍ଲାର ବିଭିନ୍ନ ହାଟ ବଜାରରେ ୧୦ ଟଙ୍କାରେ ଦୁଇଟି କିମ୍ବା ତିନୋଟି କଞ୍ଚା ପଣସ ବିକ୍ରି ହେଉଛି । ବର୍ତ୍ତମାନ କଞ୍ଚାପଣସକୁ କେବଳ ରୋଷେଇ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଛି । ତେବେ ଗଦାଗଦା କଞ୍ଚାପଣସ ବାହାରକୁ ମଧ ଚାଲାଣ ହେଉଛି । ବିଶେଷକରି ବାହାର ଅଞ୍ଚଳରୁ ଫୁଲବାଣୀକୁ ଆସୁଥିବା ବିଦେଶୀ ପର୍ଯ୍ୟଟକ ଓ ଗ୍ରାହକମାନେ ହିଁ ପଣସ କିଣି ନେଇଥା'ନ୍ତି । ପଣସ ପାଚିଲା ପରେ ମଧ ଏହାର ବିକ୍ରିବଟା ହେବ । ମାତ୍ର, ପଣସକୁ ମୂଲ୍ୟଯୁକ୍ତ ସମ୍ଭବ ହୋଇ ପାରୁ ନଥିବାରୁ ପଣସ ଉପରେ ନିର୍ଭର କରି ବଞ୍ଚୁଥିବା ଆଦିବାସୀମାନେ ବହୁ କ୍ଷତି ସହୁଛନ୍ତି ।

ସୂଚନାଯୋଗ୍ୟ, କନ୍ଧମାଳ ଜିଲ୍ଲାର ବିଭିନ୍ନ ବଣଜଙ୍ଗଲଠାରୁ ଆରମ୍ଭ କରି ରାସ୍ତାପାର୍ଶ୍ୱ ଏମିତିକି ଲୋକଙ୍କ ବାଡ଼ିବଗିଚାରେ ପ୍ରବଳ ପଣସ ଗଛ ଦେଖିବାକୁ ମିଳିଥାଏ । ଏସବୁ ପଣସ ଗଛ ପ୍ରାକୃତିକ ଉପାୟରେ ଉଠିଥାଏ । ପ୍ରତିବର୍ଷ ଶହଶହ ଟନ୍ ପଣସ କନ୍ଧମାଳ ଜିଲ୍ଲାରୁ ଉତ୍ପାଦନ ହୋଇଥାଏ । ମାତ୍ର ଦୁଃଖର କଥା ଆଜିଯାଏ ପ୍ରଶାସନ ପକ୍ଷରୁ ପଣସର ମାର୍କେଟିଂ ଏବଂ ପ୍ରୋସେସିଂ ୟୁନିଟ୍‌ର ସୁବିଧା କରାଯାଇ ପାରୁନାହିଁ । ଫୁଲବାଣୀ ଉଦ୍ୟାନ କୃଷି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ତଥ୍ୟ ଅନୁସାରେ, କନ୍ଧମାଳର ବିଭିନ୍ନ ଜଙ୍ଗଲରେ ୯ରୁ ୧୦ ଲକ୍ଷ ପଣସ ଗଛ ରହିଛି । ଗୋଟିଏ ଗଛରୁ ଆନୁମାନିକ ୧୦୦ଟି (୫ କ୍ୱିଣ୍ଟାଲ) ପଣସ ଫଳିଥାଏ । ଏହି ହିସାବକୁ ବିଚାରକୁ ନେଲେ କନ୍ଧମାଳ ଜିଲ୍ଲାରେ ବାର୍ଷିକ ୨.୫ ଲକ୍ଷ ଟନ୍ ପଣସ ଉତ୍ପାଦିତ ହୋଇଥାଏ । ମାତ୍ର ଚଳିତବର୍ଷ ପଣସ ଉତ୍ପାଦନରେ କନ୍ଧମାଳ ଜିଲ୍ଲା ପୂର୍ବବର୍ଷମାନଙ୍କର ରେକର୍ଡ ଭାଙ୍ଗି ଦେଇଛି ।

ପଣସଗୁଡ଼ିକ ସାଧାରଣତଃ ପାରମ୍ପରିକ ଭାବେ ଆଦିବାସୀ ପୁରପଲ୍ଲୀ ଓ ଜଙ୍ଗଲରେ ହେଉଥିବାରୁ ଏହା ଆଦିବାସୀଙ୍କର ଏକ ପ୍ରମୁଖ ଖାଦ୍ୟର ମାନ୍ୟତା ପାଇଛି । ମାତ୍ର ଚଳିତବର୍ଷ ଶୀଘ୍ର ବର୍ଷା ଆସିଯିବା ଫଳରେ ପଣସଗୁଡ଼ିକ ଶୀଘ୍ର ନଷ୍ଟ ହୋଇଯାଉଛି । କନ୍ଧମାଳ ଜିଲ୍ଲା ସଦର ମହକୁମା ଫୁଲବାଣୀରେ ଏକ ପଣସ ପ୍ରୋସେସିଂ ୟୁନିଟ୍ ସ୍ଥାପନ ନେଇ ଦୀର୍ଘବର୍ଷ ଧରି ଦାବି ହୋଇ ଆସୁଥିଲେ ମଧ ପ୍ରଶାସନ ଏ ନେଇ ତତ୍ପରତା ପ୍ରକାଶ କରୁନାହିଁ । ଯଦି ଫୁଲବାଣୀରେ ପ୍ରୋସେସିଂ ପ୍ଲାଣ୍ଟ୍ ସ୍ଥାପନ ହୋଇପାରନ୍ତା ତେବେ ପାଚିଲା ପଣସରୁ ପଲ୍‌ପ, ଜୁସ୍, କ୍ୟାଣ୍ଡି, ଚକ୍‌ଲେଟ, କେକ୍, ସଫ୍‌ଟ ଡ୍ରିଙ୍କ୍‌ସ ଆଦି ପ୍ରସ୍ତୁତ ହୋଇ ପାରନ୍ତା । ମାତ୍ର, ଦୀର୍ଘବର୍ଷ ବିତି ଯାଇଥିଲେ ମଧ ଆଜିଯାଏ ଫୁଲବାଣୀରେ ପଣସ ପ୍ରୋସେସିଂ ୟୁନିଟ୍ ସ୍ଥାପନ ସମ୍ଭବପର ହୋଇପାରୁନାହିଁ । ଅନ୍ୟପଟେ ରାଜ୍ୟ ସରକାରଙ୍କ ଜ୍ୟାକଫ୍ରୁଟ୍ ମିସନ ମଧ ଶୀତଳ ଭଣ୍ଡାରରେ ରହିଯାଇଛି । ରାଜ୍ୟ ସରକାରଙ୍କ ପକ୍ଷରୁ ଫୁଲବାଣୀଠାରେ ଏକ ପ୍ରୋସୋସିଂ ୟୁନିଟ୍ ସ୍ଥାପନ କରିବାକୁ ତତ୍କାଳୀନ କୃଷିମନ୍ତ୍ରୀ ଅରୁଣ କୁମାର ସାହୁ ଘୋଷଣା କରିଥିଲେ । ମାତ୍ର, ସରକାରଙ୍କ ଏହି ଘୋଷଣା କେବଳ କାଗଜ କଲମରେ ସୀମିତ ରହିଯାଇଛି ।

# ଗ୍ରୀଷ୍ମ ପୂର୍ବରୁ ଜଳକଷ୍ଟ: ପିଏଚ୍‌ଡି ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟିଲେ ଅଂଚଳବାସୀ

ସମ୍ବଲପୁର, ୨୮/୦୩ (ନି.ପ୍ର): ଚଳିତ ବର୍ଷ ଗ୍ରୀଷ୍ମ ଋତୁର ଆଗମନ ପୂର୍ବରୁ ସହରର ବିଭିନ୍ନ ଅଂଚଳରେ ଦେଖଦେଲାଣି ଜଳକଷ୍ଟ । ପାନୀୟ ଜଳଯୋଗାଣର ଅବ୍ୟବସ୍ଥା, ଜଳକଷ୍ଟରୁ ବର୍ତିବା ପାଇଁ ଆଜି ସ୍ଥାନୀୟ ଗୁଜୁରାତି କଲୋନୀବାସୀ ପିଏଚଡ଼ି ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟି ତୁରନ୍ତ ଏହାର ସମାଧାନ ପାଇଁ ଦାବି କରିଛନ୍ତି । ଆଜି ସ୍ଥାନୀୟ ଗୁଜୁରାତି କଲୋନୀ ପାର୍ଶ୍ୱ ଜଳାରାମ ମନ୍ଦିର ଗଳି ଅଂଚଳର ଶତାଧିକ ଲୋକେ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟକୁ ଯାଇ ନିଜ ଅଂଚଳର ପାଣି ସମସ୍ୟାର ସମାଧାନ ଦାବି କରିଛନ୍ତି । ବିଭାଗୀୟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଇଂ.ଗୁଲସନ ସାହୁଙ୍କୁ ସାକ୍ଷାତ କରି ଅବ୍ୟବସ୍ଥା ସମ୍ପର୍କରେ ଅଭିଯୋଗ କରିଥିଲେ । ଦୈନିକ ସକାଳ ବେଳା କିଛି ସମୟ ପାଇଁ ନଳକୂପ ଗୁଡ଼ିକରୁ ପାଣି ବାହାରୁଥିବା ବେଳେ ଉପର ବେଳା ତଥା ଅପରାହ୍ନରେ ପାଣି ଟୋପାଏ ଆଶା କରିବା ବୃଥା ହେଉଛି । ତେଣୁ, ଦିନକୁ ଦୁଇ ବେଳା ଜଳଯୋଗାଣ କରାଯାଉ ବୋଲି ଅଂଚଳବାସୀ ଦାବି କରିଛନ୍ତି । ଜଳଯୋଗାଣ ଆରମ୍ଭ ହେଲେ ଉପରମୁଣ୍ଡ ଲୋକେ ପମ୍ପରେ ପାଣି ଟାଣି ନେଉଛନ୍ତି ତେଣୁ, ତଳମୁଣ୍ଡରେ ଜଳ ପହଂଚିପାରୁ ନାହିଁ । ସେମାନଙ୍କର ପମ୍ପ ବନ୍ଦ ହେଲା ବେଳକୁ ଜଳଯୋଗାଣ ବି ବନ୍ଦ ହେଉଛି । ଏଣୁ ଅଧିକ ସମୟ ଜଳଯୋଗାଣ କରାଯାଉ । ସରକାର ଜଳ ଅପଚୟକୁ ରୋକିବା ପାଇଁ ସ୍ମାର୍ଟ ପାଣି ମିଟର ବ୍ୟବସ୍ଥା କରୁଛନ୍ତି ବୋଲି କହୁଛନ୍ତି । କିନ୍ତୁ, ଦୀର୍ଘ ବର୍ଷ ଧରି ପାଇପ ଲାଇନ ମରାମତି କିମ୍ବା ବଦଳା ନଯିବାରୁ ଅନେକ ସ୍ଥାନରେ ପାଇପ୍ ଲାଇନ ଫାଟି ପାଣି ବୋହି ଯାଉଛି । ତେଣୁ, ସେଗୁଡିକୁ ଶୀଘ୍ର ମରାମତି କରାଯାଉ ଓ ଅତି ପୁରୁଣା ପାଇପ ଲାଇନକୁ ବଦଳା ଯାଉ । ସମସ୍ତ ସମସ୍ୟା ବିଷୟରେ ଅବଗତ ହେଲା ପରେ ଇଂ. ସାହୁ ସେଗୁଡିକର ଶୀଘ୍ର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ ।

ଏ ସମ୍ପର୍କରେ ବିଜେପି କ୍ଷେତ୍ରିୟ ପ୍ରବକ୍ତା ମାନସ ରଞ୍ଜନ ବକ୍ସିଙ୍କୁ ପଚାରିବାରେ'' ମୁଁ ଅଧିକ କ'ଣ କହିବି ? ପ୍ରଶାସନ କ''ଣ କରୁଚି ନକରୁଛି ଓ ଲୋକଙ୍କ ସମସ୍ୟା ସବୁକିଛି ଗଣମାଧମ ହୃଦବୋଧ କରିପାରୁଛି । ପଶ୍ଚିମ ଓଡ଼ିଶାର ପ୍ରାଣକେନ୍ଦ୍ର ତଥା ହୀରାକୁଦ ଜଳଭଣ୍ଡାର ତଳେ ଥିବା ସମ୍ବଲପୁର ସହରରେ ବର୍ଷ ବ୍ୟାପି ଜଳକଷ୍ଟ ଲାଗିରହିଛ । ସମ୍ବଲପୁର ସହରର ପାନୀୟ ଜଳଯୋଗାଣ ବ୍ୟବସ୍ଥାକୁ ତୁରନ୍ତ ନ ସଜାଡ଼ିଲେ ଏହି ସମସ୍ୟା ସବୁ ପଡା ଅଂଚଳରେ ଦେଖାଦେବ । ତଥାପି ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କ ପ୍ରତିଶ୍ରୁତିରୁ ଲୋକେ କେତେ ଚଂଚଳ ଉପଶମ ପାଇବେ ତଆକଉଇ ଦେଖିବାକୁ ଅପେକ୍ଷା ।

## ରାଇକିଆରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

କନ୍ଧମାଳ , ୨୮/୦୩ (ନି.ପ୍ର): ସୋମବାର କନ୍ଧମାଳ ଜିଲା ରାଇକିଆ ବ୍ଲକ୍ କାର୍ଯ୍ୟାଳୟ ଠାରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ବିଭିନ୍ନ ଅଭିଯୋଗ ର ଶୁଣାଣି କରିଛନ୍ତି । ସମୁଦାୟ ୪୫ ଗୋଟି ଅଭିଯୋଗର ଶୁଣାଣି ହୋଇଥିଲା । ସେଥି ମଧ ରୁ ୩୮ ଟି ବ୍ୟକ୍ତିଗତ ଏବଂ ୭ ଟି ସାମୁହିକ ଅଭିଯୋଗ ରହିଥିଲା । ବିଶେଷ କରି ପାନୀୟ ଜଳ ସମସ୍ୟା, ଭତା, ଆବାସ ଯୋଜନା, ଖାଦ୍ୟ ସୁରକ୍ଷା କାର୍ଡ ସମ୍ପର୍କୀତ ଅଭିଯୋଗ ମଧ ରହିଥିଲା । ମାଣିକେଶ୍ୱର ପଂଚାୟତ ର ଦୁର୍ଗମ ଅଂଚଳର ରାସ୍ତା ସମସ୍ୟା ସମ୍ପର୍କୀତ ଅଭିଯୋଗ ମଧ ହୋଇଥଲା । ଜିଲାପାଳଙ୍କ ସମେତ ବାଲିଗୁଡା ଉପ ଜିଲ୍ଲାପାଳ ଏମ ଏସ ମଧୁମିତା, ଜିଲ୍ଲାପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକଏବଂ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ ମଧ ଉପସ୍ଥିତ ଥିଲେ ।

# ଓଡ଼ିଶାରେ ମହିଳା ବିରୋଧୀ ଦଣ୍ଡାଦେଶ ହାର ଜାତୀୟ ହାରଠାରୁ କମ୍



ଭୁବନେଶ୍ୱର , ୨୮/୦୩ (ନି.ପ୍ର): କ୍ରାଇମ ଇନ ଇଣ୍ଡିଆ-୨୦୨୧ରେ ପ୍ରକାଶିତ ତଥ୍ୟ ଅନୁଯାୟୀ ମହିଳା ବିରୋଧୀ ଅପରାଧରେ ଜାତୀୟସ୍ତରରେ ଦଣ୍ଡାଦେଶ ହାର ୨୬.୬ ପ୍ରତିଶତ । ରାଜ୍ୟରେ ଏହା ୮.୩ ପ୍ରତିଶତ ରହିଥିବା ସୂଚନା ଦେଇଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତି ବେହେରା । ବିଧାୟକ ସୌମ୍ୟରଂଜନ ପଟ୍ଟନାୟକଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଶ୍ରୀ ବେହେରା କହିଛନ୍ତି ଯେ ୨୦୨୦ରେ ୨୭,୮୧୦, ୨୦୨୧ରେ ୩୫,୩୨୬ ଓ ୨୦୨୨ରେ ୨୭,୯୬୪ ମହିଳା ବିରୋଧୀ ମାମଲା ରାଜ୍ୟରେ ପଞ୍ଜିକୃତ ହୋଇଛି । ୨୦୨୨ ମସିହାରେ ମହିଳା ବିରୋଧୀ ଅପରାଧର ଅଭିଯୋଗ ସଂଖ୍ୟା ପୂର୍ବବର୍ଷ ତୁଳନାରେ ହ୍ର ?ାସ ପାଇଛି । ମହିଳାମାନଙ୍କ ବିରୋଧରେ ଘଟୁଥିବା ଗୁରୁତ୍ୱପୂର୍ଣ୍ଣ ଅପରାଧରେ ତଦନ୍ତକୁ ସଫଳତାର ସହ ପରିଚାଳନା କରିବା ପାଇଁ ଏହି ମାମଲାଗୁଡ଼ିକୁ ରେଡ୍ ଫ୍ଲାଗ୍ ମାମଲାର ପର୍ଯ୍ୟାୟଭୁକ୍ତ କରାଯାଇଛି । ରେଡ୍ ଫ୍ଲାଗ୍ ମାମଲାରେ ଦୋଷୀ ସାବ୍ୟସ୍ତ ହାର ଜାତୀୟ ସ୍ତରରେ ୨୬.୬ ପ୍ରତିଶତ ଥିବା ବେଳେ ଓଡ଼ିଶାରେ ୩୮.୫୨ ପ୍ରତିଶତ ରହିଛି । ରାଜ୍ୟ ସରକାର ମହିଳା ବିରୋଧୀକୁ ସର୍ବଦା ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି । ଅନ୍ୟ ରାଜ୍ୟମାନଙ୍କରେ ମହିଳା ବିରୋଧୀ ଅପରାଧର ପଞ୍ଜୀକରଣ କଷ୍ଟସାଧ ହୋଇଥିବା ସ୍ଥଳେ ରାଜ୍ୟ ସରକାର ଏପରି ମାମଲାଗୁଡ଼ିକର ତୁରନ୍ତ ପଞ୍ଜୀକରଣ, ଦକ୍ଷତାର ସହ ତଦନ୍ତ ସଂପାଦନ, ମାମଲା ପରିଚାଳନା ଓ ପୀଡ଼ିତାମାନଙ୍କୁ ଶୀଘ୍ର କ୍ଷତିପୂରଣ ରାଶି ଓ ନ୍ୟାୟ ପ୍ରଦାନ କରିବାକୁ ଗୁରୁତ୍ୱ ଦେଉଛନ୍ତି ।

# ରାଜ୍ୟରେ ୧୮ହଜାର ୨୬୮ଲୋକଙ୍କ ହାତରେ ବନ୍ଧୁକ



ଭୁବନେଶ୍ୱର, ୨୮/୦୩ (ନି.ପ୍ର): ରାଜ୍ୟର ୧୮ହଜାର ୨୬୮ଜଣଙ୍କୁ ବନ୍ଧୁକ ଲାଇସେନ୍ସ ପ୍ରଦାନ କରାଯାଇଛି । ସେମାନେ ବ୍ୟକ୍ତିଗତ ସୁରକ୍ଷା, ବ୍ୟାଙ୍କ ସମ୍ପତ୍ତି ସୁରକ୍ଷା, କ୍ରୀଡ଼ା ଓ ଟାର୍ଗେଟ ଅଭ୍ୟାସ ପାଇଁ ଜିଲ୍ଲା ଆରକ୍ଷୀ ଅଧିକାରୀଙ୍କ ରିପୋର୍ଟ ଆଧାରରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଏହି ବନ୍ଧୁକ ଲାଇସେନ୍ସ ପ୍ରଦାନ କରାଯାଇଛି । ତେବେ ସର୍ବାଧିକ ଭାବେ କେନ୍ଦୁଝର ଜିଲ୍ଲାରେ ୧୩୨୭ ଜଣଙ୍କୁ ବନ୍ଧୁକ ଲାଇସେନ୍ସ ମିଳିଥିବା ବେଳେ ପଛକୁ ଅନୁଗୁଳରେ ୧୨୦୩ଜଣ, ବାଲେଶ୍ୱରରେ ୧୧୫୫ଜଣ, କଳାହାଣ୍ଡିରେ ୯୯୯ଜଣ, ନୟାଗଡ଼ରେ ୯୨୩ଜଣ, ସମ୍ବଲପୁରରେ ୮୪୦ଜଣ, ସୁନ୍ଦରଗଡ଼ରେ ୬୯୪, ଭଦ୍ରକରେ ୬୬୫ଜଣ, ଯାଜପୁରରେ ୬୩୧ଜଣ, ପୁରୀରେ ୬୨୦ଜଣ, କନ୍ଧମାଳରେ ୬୦୬ଜଣ, ମୟୂରଭଞ୍ଜରେ ୫୫୮ଜଣ, ଜଗତସିଂହପୁର ଜିଲ୍ଲାରେ ୫୧୮ଜଣ, କୋରାପୁଟରେ ୪୮୪ଜଣ, ଝାରସୁଗୁଡ଼ାରେ ୪୨୯ଜଣ, ଗଞ୍ଜାମରେ ୪୨୯ଜଣ, ରାଉରକେଲାରେ ୪୧୧ଜଣ, ଦେବଗଡ଼ ଜିଲ୍ଲାରେ ଭାବେ ୩୬୮ଜଣ, କେନ୍ଦ୍ରାପଡ଼ାରେ ୩୩୮ଜଣ, ଖୋର୍ଦ୍ଧାରେ ୩୪୦ଜଣ, କମିସନରେଟ ପୁଲିସରେ ୩୨୫ ଜଣ, ବ୍ରହ୍ମପୁରରେ ୩୦୯ଜଣ, ସୋନପୁରରେ ୨୯୧ଜଣ, ବୌଦ୍ଧରେ ୨୨୫ଜଣ, ନୂଆପଡ଼ାରେ ୧୭୭ଜଣ, ଗଜପତିରେ ୧୪୪ଜଣ, ରାୟଗଡ଼ାରେ ୭୫ଜଣ ଏବଂ ମାଲକାନଗିରିରେ ୧୧ଜଣଙ୍କୁ ଲାଇସେନ୍ସ ମିଳିଛି । ସୋମବାର ଦିନ ବିଧାନସଭାରେ କଂଗ୍ରେସ ବିଧାୟକ ତାରପ୍ରସାଦ ବାହିନୀପତିଙ୍କ ଲିଖିତ ପ୍ରଶ୍ନର ଉତ୍ତରରେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଏହି ତଥ୍ୟ ଉପସ୍ଥାପନ କରିଛନ୍ତି । ସେ ଆହୁରି ମଧ କହିଛନ୍ତି ଯେ ରାଜ୍ୟରେ ବେଆଇନ ବନ୍ଧୁକ କାରବାର ଦୃଷ୍ଟିକୁ ଆସିଲେ ସେମାନଙ୍କ ବିରୁଦ୍ଧରେ ଆର୍ମସ ଆକ୍ଟ-୧୯୫୯ର ଧାରା ୨୫/୨୭ରେ ଅଭିଯୋଗ ଦାୟ ?ର କରାଯାଏ । ପୁଲିସ ପକ୍ଷରୁ ଏହି ଚୋରା କାରବାର ବିଷୟରେ ତଥ୍ୟ ସଂଗ୍ରହ କରାଯାଇ ବେଆଇନ ବନ୍ଧୁକଧାରୀ ତଥା ଚୋରା କାରବାର କରୁଥିବା ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାଏ ।

## ରାଜ୍ୟସ୍ତରୀୟ ବେଳାଭୂମି ସାହିତ୍ୟ ସଂସଦ ସମ୍ମାନ ପ୍ରଦାନ

ବଲାଙ୍ଗିର, ୨୮/୦୩ (ନି.ପ୍ର): ସାହିତ୍ୟ କ୍ଷେତ୍ରରେ ଅନନ୍ୟ ସୃଷ୍ଟି ପାଇଁ କବିଶ୍ରୀ ନବକିଶୋର ବେହେରା ଏବଂପ୍ରାଧ୍ୟାପକ ଦୁର୍ବାଦଳ ଘିବେଲାଙ୍କୁ 'ବେଳାଭୂମିସାହିତ୍ୟ ସଂସଦ ଅସ୍ତରଙ୍ଗ , ପୁରୀ ୨୦୨୩ବର୍ଷ ପାଇଁ ରାଜ୍ୟ ସ୍ତରୀୟ ଶ୍ରେଷ୍ଠ ବେଳାଭୂମି ସମ୍ମାନ ପ୍ରଦାନ କରିଛନ୍ତି । ଏକ ବର୍ଣ୍ଣାଢ଼୍ୟ ସମାରୋହରେ ଓଡ଼ିଶା ସରକାରଙ୍କ କ୍ରିଡ଼ା ତଥା ଗୃହ ରାଷ୍ଟ୍ର ମନ୍ତ୍ରୀ ତୁଷାର କାନ୍ତୀ ବେହେରା ମାନପତ୍ର ଓ ଉତରୀୟ ପ୍ରଦାନ ପୂର୍ବକ ଉଭୟଙ୍କୁ ସମ୍ମାନିତ କରିଥିଲେ । ପ୍ରକାଶ ଥାଉ କିଶ୍ରୀ ବେହେରା ଓଡ଼ିଆ କବିତା , ପ୍ରବନ୍ଧ, ଗଳ୍ପ କ୍ଷେତ୍ରରେ ରାଜ୍ୟ ସ୍ତରରେ ବିଭିନ୍ନଅନୁଷ୍ଠାନ ଦ୍ୱାରା ସମ୍ମାନିତ ହୋଇଛନ୍ତି ।ସେହିପରି ପ୍ରାଧାପକ ଶ୍ରୀ ଦୁର୍ବାର ଘିବେଲା ଓଡ଼ିଆ ଏବଂ ଇଂରାଜୀ ସାହିତ୍ୟରେ ଜାତୀୟଏବଂ ଅନ୍ତର୍ଜାତୀୟ ସ୍ତରରେ ଏକ ପ୍ରମୁଖସ୍ଥାନ ଗ୍ରହଣ କରିପାରିଛନ୍ତି ।

# ଡଙ୍ଗାରେ ନଦୀ ପାର ହୋଇ ଲୋକଙ୍କ ସମସ୍ୟା ବୁଝିଲେ ଖଇରପୁଟ ବିଡ଼ିଓ

ମାଲକାନଗିରି, ୨୮/୦୩ (ନି.ପ୍ର): ସାବାସ ବିଡ଼ିଓ ସାର । ବଣ୍ଡାଘାଟିରେ ଲୋକଙ୍କ ସମସ୍ୟା ବୁଝିବା ପାଇଁ ଯିବାକୁ ହେଉଥିଲା ସମସ୍ୟା । କିନ୍ତୁ, ବର୍ଷ ବର୍ଷ ଧରି କୌଣସି ବରିଷ୍ଠ ଅଧିକାରୀ ଗାଁକୁ ଯାଇପାରୁନଥିଲେ । ହେଲେ ସାହାସ ଦେଖାଇଲେ ଖଇରପୁଟ ବିଡ଼ିଓ ହୃଦରଞ୍ଜନ ସାହୁ ।

ବଣ୍ଡାଘାଟିର ଏକ ଅପହଂଚ ଅଂଚଳ ଭୋଜଗୁଡାକୁ ଯିବାକୁ ହେଉଥିଲା ସମସ୍ୟା । କାରଣ ଅଶାନ୍ତ ପାଣି ଲୋକଙ୍କ ସହ ସରକାରୀ ବାବୁଙ୍କୁ ମଧ ସମସ୍ୟାରେ ପକାଉଥିଲା । କାରଣ ନଈ ପାର ହେଲେ ହିଁ ଗାଁ ରେ ପହଂଚିବାକୁ ହୁଏ । ତେଣୁ ସାହାସ କରି ଦେଶୀ ଡଙ୍ଗାରେ ବସି ନିଜ ସହକର୍ମୀଙ୍କ ସହ ଅଥଳ ଜଳ ରାଶି ପାର ହୋଇ ଗାଁ ରେ ପହଂଚିଥିଲେ ଖଇରପୁଟ ବିଡ଼ିଓ ହୃଦ ରଞ୍ଜନ ସାହୁ ଓ ସହକାରୀ ନିର୍ବାହୀ ଯନ୍ତ୍ରି ଦୁଷ୍ମନ୍ତ କୁମାର ବେହେରା ଓ ଆଉ କିଛି ସରକାରୀ ଅଧିକାରୀ । ଗାଁ ରେ ପହଁଚି ଅମୃତ ସରୋବରରେ ଖୋଳା ଯାଇଥିବା ପୋଖରୀ ଏବଂ କିଛି ଲୋକଙ୍କୁ ସରକାରଙ୍କ ତରଫରୁ ଦିଆଯାଇଥିବା ଡ଼ଙ୍ଗାର ବ୍ୟବହାର ଏବଂ ବଣ୍ଡା ଉନ୍ନୟନ ସଂସ୍ଥାର କିଛି ଉନ୍ନୟନମୂଳକ କାର୍ଯ୍ୟର ମଧ ତଦାରଖ କରିଥିଲେ । ଘର ଘରକୁ ଯାଇ କିଛି ଲୋକଙ୍କ ସମସ୍ୟା ମଧ ବୁଝିଥିଲେ ବିଡ଼ିଓ । ଯାହା ପାଇଁ ବେଶ ପ୍ରଶଂସିତ ହେଉଛନ୍ତି ବିଡ଼ିଓ ହୃଦ ରଞ୍ଜନ । ତେଣୁ ସମସ୍ତେ କହୁଛନ୍ତି ବିଡ଼ିଓ ହେବ ତ ଏମିତି ।

# ଦୁଇ ପରିବାରଙ୍କୁ ସହାୟତାର ହାତ ବଢାଇଲା ଅଂଶୁମାନ ମେମୋରିଆଲ ଟ୍ରଷ୍ଟ

ଧର୍ମଶାଳା, ୨୮/୦୩ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଂଚଳରେ ଦୁଇ ପରିବାରଙ୍କୁ ସହାୟତା ପ୍ରଦାନ । ଯାଜପୁର ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ସହାୟତାର ହାତ ବଢାଇଛି । ଯାହାକୁ ନେଇ ଏହି ଦୁଇ ପରିବାର ଅନୁଷ୍ଠାନକୁ କୃତଜ୍ଞତା ଜଣାଇଛନ୍ତି । ସୂଚନା ମୁତାବକ,ଧର୍ମଶାଳା ବ୍ଲକ କୁମାର ପଂଚାୟତ କାରକାର ଅରଣ୍ୟ ଗୁଇଁଙ୍କ ସ୍ତ୍ରୀ ଗେଡି ଏକ ସଡକ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ । ଫଳରେ ଦରିଦ୍ର ସୀମା ରେଖା ତଳେ ବସବାସ କରୁଥିବା ଏହି ପରିବାର ସ୍ତ୍ରୀର ଶୁଦ୍ଧିକ୍ରୀୟା ପାଇଁ ଅସମର୍ଥ ହୋଇଥିଲେ । ଫଳରେ ସୂଚନା ପାଇ ଆଜି ଅପରାହ୍ନରେ ଅଂଶୁମାନ ମୋମୋରିଆଲ ଟ୍ରଷ୍ଟର ସମ୍ପାଦକ ହିମାଂଶୁ ଶେଖର ସାହୁ ସହାୟତାର ହାତ ବଢାଇଛନ୍ତି । ସମ୍ପାଦକଙ୍କ ପରାମର୍ଶକ୍ରମେ ଟ୍ରଷ୍ଟର ସଭ୍ୟ ଅରୁଣ୍ୟଙ୍କ ପରିବାର ନିକଟରେ ପଂହଚି ରାସନ ସାମଗ୍ରୀ ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ସେହିପରି ଆଜି ଅପରାହ୍ନରେ ଧର୍ମଶାଳା ବ୍ଲକସ୍ଥିତ ମଙ୍ଗଳପୁର ପଂଚାୟତସ୍ଥ ଇସ୍ତମାପଡିଆ ଗ୍ରାମରେ ୨ଜଣ ବୃଦ୍ଧବୃଦ୍ଧା ଝିଅ କ୍ୱାଇଁଙ୍କ ପାଖରେ ଅତି ଦୟନୀୟ ଅବସ୍ଥାରେ ବସବାସ କରୁଛନ୍ତି । ବ୍ରହ୍ମବରଦା ଅଂଚଳର ଜମାଲୁଦ୍ଦିନ ଖାଁ ଓ ରସୁଲନଙ୍କ ପୁଅ ବୋହୂ ସେମାନଙ୍କୁ ନାନା ହଇରାଣ ହରକତ୍ କରୁଥିଲେ । ଫଳରେ ସେମାନେ ନିଜର ସ୍ୱାସ୍ଥ୍ୟର ଅବନୀତି ହେବାରୁ ସେମାନେ ଧର୍ମଶାଳା ବ୍ଲକ ମଙ୍ଗଳପୁର ପଂଚାୟତସ୍ଥ ଇସ୍ତମାପଡିଆସ୍ଥି ନିଜ ଝିଅ କ୍ୱାଇଁଙ୍କ ନିକଟରେ ଆଶ୍ରୟ ନେଇଥିଲେ । ଏହି ଖବର ପାଇଁ ଅଂଶୁମାନ ମେମୋରିଆଲ ଟ୍ରଷ୍ଟର ସଭ୍ୟ ଆଜି ଅପରାହ୍ନରେ ଇସ୍ତମାପଡିଆ ଗ୍ରାମରେ ପଂହଚି ରାସନ ସାମଗ୍ରୀ ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ଏଭଳି ମହାନ କାର୍ଯ୍ୟ ପାଇଁ ଏହି ଦୁଇ ପରିବାର ପକ୍ଷରୁ ଟ୍ରଷ୍ଟକୁ କୃତଜ୍ଞତା ଜଣାଇବା ସହ ଅନୁଷ୍ଠାନର ଉତରୀୟ କାମନା କରିଛନ୍ତି ।

# ଖଂଗ୍ରେସର ବିକ୍ଷୋଭ ପ୍ରଦର୍ଶନ ଓ କୁଶ ପୁତଳିକା ଦାହ

ନୂଆପଡ଼ା, ୨୮/୦୩ (ନି.ପ୍ର): ରାହୁଲ ଗାନ୍ଧୀଙ୍କୁ ସାଂସଦ ପଦରୁ ନିଲମ୍ବିତ କରିବା ପ୍ରତିବାଦରେ ଦେଶ ସାରା କଂଗ୍ରେସ ଦଳ ପକ୍ଷରୁ ବିରୋଧ କରାଯାଉଥିବା ବେଳେ ଆଜି ଖଡ଼ିଆଳ ଠାରେ ନୂଆପଡା ଜିଲ୍ଲା ଯୁବ କଂଗ୍ରେସ ଓ ଖଡ଼ିଆଳ ବିଧାନସଭା କଂଗ୍ରେସ କମିଟି ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଶତାଧିକ କଂଗ୍ରେସ କର୍ମୀ କଂଗ୍ରେସ ଭବନରୁ ବାହାରି ଥାନା ଛକ ପର୍ଯ୍ୟନ୍ତ ରେଲି କରିଥିଲେ ଓ ବିଜେପି ଓ କେନ୍ଦ୍ର ସରକାର ବିରୋଧରେ ନାରବାଜି କରିଥିଲେ । କୋର୍ଟ ରାୟ ବିରୋଧରେ ଆମର ଆପତି ନାହିଁ କିନ୍ତୁ ତରବରିଆ ଭାବରେ ଯେପରି ପୂର୍ବତନ କଂଗ୍ରେସ ସଭାପତି ରାହୁଲ ଗାନ୍ଧୀଙ୍କୁ ସାଂସଦ ପଦରୁ ନିଲମ୍ବିତ କରାଗଲା ତା''ବିରୋଧରେ ଆମେ ପ୍ରତିବାଦ କରୁଛୁ ବୋଲି କର୍ମୀମାନେ କହିଥିଲେ ।ଏକ ବିରୋଧୀ ବିହୀନ ନିରଙ୍କୁଶ ଶାସନ କରିବା ପାଇଁ ଓ ରାହୁଲଙ୍କ କଣ୍ଠରୋଧ କରିବା ପାଇଁ ସରକାରଙ୍କ ଚେଷ୍ଟାକୁ ସଫଳ ହେବାକୁ ଦେବେନି ବୋଲି ସେମାନେ କହିଥିଲେ । ଶୀଘ୍ର ସଦସ୍ୟ ପଦ ନ ଫେରାଇଲେ ଆଗକୁ ଆନ୍ଦୋଳନ ଭୟାବହ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କୁଶ ପୁତଳିକା ଦାହ କରାଯାଇଥିଲା । ଆଜିର ଆନ୍ଦୋଳନରେ ଖଡ଼ିଆଳ ନଗରପାଳ ଉଜ୍ଜଳ ଗୁପ୍ତା, ହିରାଧର ମେହେର, କପିଳେନ୍ଦ୍ର ଭୋଇ, ସନ୍ତୋଷ ପଟ୍ଟନାୟକ, ଶ୍ୟାମ ସୁନ୍ଦର କୁଲଦୀପ, ସତପାଲ ସିଂହ ଛାବଡ଼ା, ଦଶମୁ ବେହେରା, ଦେବରାଜ ଶବର, କୁନୁ ଚରଣ ବେହେରା, ତୁକାରାମ ହିଆଲଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ସାମିଲ ଥିଲେ ।

# ନିର୍ମାଣର ୧୦ ମାସ ପରେ ବି ଲୋକଙ୍କ ବ୍ୟବହାର ପାଇଁ ଖୋଲୁନି ଶୌଚାଳୟ

ମାଲକାନଗିରି, ୨୮/୦୩ (ନି.ପ୍ର): ବିନା ମୂଲ୍ୟରେ ରାଜ୍ୟରେ ଥିବା ସମସ୍ତ ଶୌଚାଳୟ ବ୍ୟବହାର କରିପାରିବେ ଓଡିଶାର ଜନ ସାଧାରଣ ଏଭଳି କିଛି ନିଆରା ଘୋଷଣା କଲେ ରାଜ୍ୟ ସରକାର । ସରକାରଙ୍କ ଘୋଷଣାକୁ ଯଦି କୌଣସି ସରକାରି ଅଧିକାରୀ ପାଳନ ନ କରନ୍ତି ତେବେ ଜନସାଧାରଣ ଫାଇଭ-ଟି ଅର୍ଥାତ ଆମ ସରକାରକୁ ଜଣାଇ ପାରିବେ । ଯାହା ଏକ ଭଲ ପଦକ୍ଷେପ ହୋଇଥିବା ବେଳେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ସଦର ମହକୁମା ଠାରେ । ମାଲକାନଗିରି ପୌରାଚଂଳ ଅଧୀନରେ ଲକ୍ଷାଧିକ ଟଙ୍କାରେ ଶୌଚାଳୟ ନିର୍ମାଣ କରାଯାଇଛି । ଏହାର କାନ୍ଥରେ ସରକାରଙ୍କ ସମସ୍ତ ସୂଚନାକୁ ଫଳକ ମାଧମରେ ସଂଲଗ୍ନ କରାଯାଇଛି, ତେବେ ଏହା କାହା ପାଇଁ ଜନ ସାଧାରଣଙ୍କ ବ୍ୟବହାର ପାଇଁ ନା କେବଳ ସରକାରୀ ବିଜ୍ଞାପନ ପାଇଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ନିର୍ମାଣର ଦିର୍ଘ ୧୦ ମାସ ପରେ ମଧ ଏହା ଜନ ସାଧାରଣଙ୍କ ବ୍ୟବହାର ନିମନ୍ତେ ଖୋଲାଯାଇ ନାହିଁ । ନୋ ଫିସ ବୋର୍ଡ ସାଙ୍ଗକୁ ଶୌଚାଳୟ ଘର ନିର୍ମାଣ କରି ନିଜ କାମ ସାରି ଦେଇଛି ମାଲକାନଗିରି ପୌର କର୍ତୃପକ୍ଷ । ଯାହାକି ମାଲକାନଗିରି ଜିଲ୍ଲାର ଜନ ସାଧାରଣ ବାରମ୍ବାର ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳିପାରୁ ନାହିଁ । ତେବେ ଏଇଠି ଗୋଟିଏ ପ୍ରଶ୍ନ ଉଠୁଛି ରାଜ୍ୟ ସରକାର ଯାହା ଘୋଷଣା କରୁଛନ୍ତି ତାହା କଣ ଗ୍ରାଉଣ୍ଡ ଜିରୋରେ ମାଲକାନଗିରି ପୌରାଚଂଳ ପକ୍ଷରୁ ଆଗାମୀ ଦିନରେ କାର୍ଯ୍ୟକାରୀ ହୋଇ ପାରୁଛି କି ? ତାହା ଦେଖିବାକୁ ବାକି ରହିଲା ।

## ଦେହ ପାଇଁ ଖୁବ୍ ଉପକାରୀ ମାଣ୍ଡିଆ



ମାଣ୍ଡିଆ ପରି ଉପକାରୀ ଖାଦ୍ୟ ଆଉ କିଛି ଥାଇପାରେନା । ଏହାକୁ ଖାଇବା ଦ୍ୱାରା ପେଟ ଥଣ୍ଡା ରହିଥାଏ । ଆଜିକାଲି ଯେଉଁଭଳି ଗ୍ୟାସ୍ଷ୍ଟ୍ରିକ୍ ସମସ୍ୟା ରହୁଛି ତାହା ମାଣ୍ଡିଆ ଖାଇବା ଦ୍ୱାରା କମ୍ ହୋଇଥାଏ । କିଛି ଲୋକ ମାଣ୍ଡିଆକୁ ଛତୁଆ କରି ଖାଇଥାଆନ୍ତି । ଯଦି ଆପଣଙ୍କୁ ସେପରି ଖାଇବାକୁ ଭଲ ଲାଗୁନାହିଁ ତେବେ ଏଥିରେ ଅନ୍ୟ ସବୁ ରକମର ଖାଦ୍ୟ ବନାଇ ବି ଖାଇହେବ ।

ଆପଣ ମାଣ୍ଡିଆକୁ ପାଣି ଦେଇ ନିଆଁରେ ଫୁଟାଇବା ପରେ ସେଥିରେ ଖଜୁରୀ, ଡ୍ରାଏଫ୍ରୁଟ୍ସ ମିଶାଇ ସେକ୍ କରି ପିଇପାରିବେ । ଏଥିରେ ଏକ ସୁସ୍ୱାଦୁ ଉପମା ବି ବନାଇ ହେବ । ଚାଲନ୍ତୁ ଜାଣିବା କିପରି ବନାଇବା ମାଣ୍ଡିଆ ଉପମା ।

ପ୍ରଥମେ ମାଣ୍ଡିଆକୁ ଧୋଇକି ତାହାକୁ ଛାଣି କରି ରଖିଦିଅନ୍ତୁ । ତାପରେ ପ୍ୟାନ୍‌କୁ ଗରମ କରି ସେଥିରେ ଅଳ୍ପ ପରିମାଣର ତେଲ ପକାନ୍ତୁ । ତେଲ ତାତି ଯିବା ପରେ ସାମାନ୍ୟ ଜିରା ଓ ସୋରିଷ ପକାନ୍ତୁ । ସେଥିରେ ଟିକେ ମୁଗ ଡାଲି ଓ ମସୁର ପକାନ୍ତୁ ।

ତାପରେ ସାମାନ୍ୟ ହେଙ୍ଗୁ, ଧନିଆ ପତ୍ର, ଅଦା, କଞ୍ଚା ଲଙ୍କା ଓ କଟା ପିଆଜ ଦିଅନ୍ତୁ । ପିଆଜ ନାଲି ପଡ଼ି ଭାଜି ହେବା ପର୍ଯ୍ୟନ୍ତ ତାକୁ ଏପଟ ସେପପଟ କରନ୍ତୁ ।

ତା'ପରେ ସେଥିରେ ଧୁଆ ହୋଇଥିବା ମାଣ୍ଡିଆକୁ ପକାଇ ଘଣ୍ଟିଦିଅନ୍ତୁ । ମାଣ୍ଡିଆରୁ ବାସ୍ନା ବାହାରିଲେ ୨ ରୁ ୨.୫ କପ୍ ପାଣି ଦିଅନ୍ତୁ । ସେଥିରେ ଆବଶ୍ୟକ ମୁତାବକ ଲୁଣ ଦେଇ ତାହାକୁ ଫୁଟିବାକୁ ଦିଅନ୍ତୁ ।

ପାଣି ଶୁଖିଗଲା ପରେ ଆପଣଙ୍କୁ ଯଦି ଲେମ୍ବୁ ପସନ୍ଦ ତେବେ ଅଳ୍ପ ଟିକେ ଲେମ୍ବୁ ତା ଉପରେ ଚିପୁଡ଼ି ଖାଇପାରିବେ ।

## ସକାଳେ ଖାଲି ପେଟରେ ଖାଆନ୍ତୁ ପୋଦିନା ପତ୍ର: ଦୂର ହେବ ଏହି ୪ ସମସ୍ୟା

ସମେସ୍ତ ନିଜ ଘେର ପୋଦିନା ପତ୍ର ଲଗାଇବା ଜରୁରୀ । ଏହାର କାରଣ ହେଉଛି ଘରେ ପୋଦିନା ଗଛ ଲଗାଇଥିଲେ ଆପଣ ଯେତେବେଳେ ଆବଶ୍ୟକ କରିବେ ଏହାକୁ ଆରାମରେ ବ୍ୟବହାର କରିପାରିବେ । ବାସ୍ତବେର, ସକାଳେ ଖାଲି ପେଟରେ ପୋଦିନା ପତ୍ର ଚୋବାଇବା ଶରୀରକୁ ଅନେକ ଲାଭ ଦେଇଥାଏ । ଏହା କେବଳ ଆରୋଗ୍ୟ ଗୁଣରେ ପରିପୂର୍ଣ୍ଣ ନୁହେଁ ବରଂ ଅନେକ ଜୀବନଶୈଳୀ ସମ୍ବନ୍ଧୀୟ ରୋଗକୁ ରୋକିବାରେ ମଧ୍ୟ ସାହାଯ୍ୟ କେର । ଏହା ବ୍ୟତୀତ ପୋଦିନା ପତ୍ର ଚୋବାଇବାର ଅେନକ ଲାଭ ଅଛି ।

୧. ପୋଦିନା ପତ୍ରରେ ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ରହିଛି ଯାହା ପେଟେର ପୋକ ହେଲ ଏହା କାମେର ଆସିପାେର । ଯେତେବେଳ ଅାେମ ନିୟମିତ ଭାବେର ଖାଲି ପେଟେର ପୋଦିନା ପତ୍ର ଚୋବାଇଥାଉ, ଏହା ପେଟ ପୋକକୁ ମାରିଦିଏ । ଏହା ବାନ୍ତି ଏବଂ ପେଟ ଜଡ଼ିତ ସମସ୍ୟା ସୃଷ୍ଟି କେର ନାହିଁ ।

୨. ଏସିଡିଟିରେ, ସକାଳେ ଖାଲି ପେଟେର ପୋଦିନା ପତ୍ର ଚୋବାଇବା ଲାଭଦାୟକ ହୋଇଥାଏ । ଏହାର ଥଣ୍ଡା ଗୁଣ ଏବଂ କେତେକ ଆଣ୍ଟିଅକ୍ସିଡାଣ୍ଟ ପେଟର ପିଏଚକୁ ସନ୍ତୁଳନ କରିବାରେ ସାହାଯ୍ୟ କରେ ଏବଂ ଅମ୍ଳୀୟ ରସ ହ୍ରାସ କରେ । ଏହା ଅମ୍ଳତା ସମସ୍ୟା ସୃଷ୍ଟି କରେ ନାହିଁ ।

୩. ପେଟରେ ଉତ୍ତାପ ବୃଦ୍ଧି ଯୋଗୁଁ ପାଟି ଘା' ହୋଇଥାଏ । ଏହା ବ୍ୟତୀତ, ବେଳେବେଳେ ଖାଦ୍ୟ ସଂକ୍ରମଣ କିମ୍ବା ପାଟି ସଂକ୍ରମଣ ହେତୁ ଏହି ସମସ୍ୟା ମଧ୍ୟ ଚିନ୍ତାରେ ପକାଇଥାଏ । ଏପରି ପରିସ୍ଥିତିରେ, ପୋଦିନା ପତ୍ର ଚୋବାଇ ଏହାର ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ପାଟି ଘା'କୁ ହ୍ରାସ କରିଥାଏ, ପେଟକୁ ଥଣ୍ଡା କରିଥାଏ ଏବଂ ଏହି ସମସ୍ୟା ଦୂର କରିଥାଏ ।

୪. ଚମକଦାର ତ୍ୱଚା ପାଇବାରେ ପୋଦିନା ପତ୍ର ଖାଇବା ଲାଭଦାୟକ ହୋଇଥାଏ । ବାସ୍ତବେର ଏହା ରକ୍ତ ସଫା କରିବା ଏବଂ ରକ୍ତ ସଞ୍ଚାଳନରେ ଉନ୍ନତି ଆଣିବାରେ ସହାୟକ ହୋଇଥାଏ । ଏହା ସହିତ, ଏହା ଚମକୁଥିବା ତ୍ୱଚା ପାଇବାରେ ମଧ୍ୟ ସାହାଯ୍ୟ କେର ।



## ଶରୀରରେ ପ୍ରୋଟିନ୍ ଅଭାବ ହେଲେ ଉପୁଜିପାରେ ଅନେକ ସମସ୍ୟା: ଏହି ସବୁ ଖାଦ୍ୟ ଖାଇବା ଭଲ



ପ୍ରୋଟିନ୍ ଜଣେ ମଣିଷ ଶରୀର ପାଇଁ କେତେ ଆବଶ୍ୟକ ତାହା କହିବା ଜରୁରୀ ନୁହେଁ । ଶରୀରରେ ପ୍ରୋଟିନ୍‌ର ଅଭାବ ରହିଲେ ଭିନ୍ନ ଭିନ୍ନ ଧରଣର ରୋଗ ସୃଷ୍ଟି ହୋଇଥାଏ । ଶରୀର ଦୈନିକ ପ୍ରୋଟିନ୍ ଆବଶ୍ୟକ କରୁଥାଏ । ଯଦି ଆପଣ ଦୈନିକ କିଛି ନା କିଛି ପ୍ରୋଟିନ୍ ଜାତୀୟ ଖାଦ୍ୟ ଖାଉନାହାନ୍ତି ତେବେ ଆପଣଙ୍କ ଶରୀର ଅସୁସ୍ଥ ହେବା ପାଇଁ ବିଶେଷ ସମୟ ନେବ ନାହିଁ ।

ଯଦି ଆପଣ ବ୍ୟାୟ୍ୟାମ କଲା ବେଳେ ବା ଦୌଡ଼ଧାଆଁ କରିବା ବେଳେ ଯନ୍ତ୍ରଣା ଅନୁଭବ କରୁଛନ୍ତି ତେବେ ନିଶ୍ଚିତ ହୁଅନ୍ତୁ ଯେ ଆପଣଙ୍କ ଶରୀରରେ ପ୍ରୋଟିନ୍‌ର ଅଭାବ ରହିଛି । ଶରୀରକୁ ଯେତିକି ପରିମାଣର ପ୍ରୋଟିନ୍ ଦରକାର ସେତିକି ପରିମାଣର ନାହିଁ ।

ନିଦ ନ ହେବା ସମସ୍ୟା ବି ପ୍ରୋଟିନ୍ ଅଭାବ ସହ ଯୋଡ଼ା । ଶରୀରରେ ପ୍ରୋଟିନ ଭାଗ କମ୍ ଥିଲେ ନିଦ ନହେବା, ଭୋକ ମରିଯିବା ଏବଂ ଚିଡ଼ିଚିଡ଼ା ଲାଗିବା ଆଦି ସମସ୍ୟା ଦେଖା ଯାଇଥାଏ ।

ଯଦି ଆପଣଙ୍କ ଶରୀରରେ କୋଲେଷ୍ଟ୍ରଲ୍ ସ୍ତର ବୃଦ୍ଧି ପାଉଛି ବା ହରମନ ଅସନ୍ତୁଳନ କିମ୍ବା ଅଧିକ ଶର୍କରା ଭାଗ ଦେଖା ଦେଉଛି ତାହେଲେ ବି ନିଶ୍ଚିତ ହୁଅନ୍ତୁ ଯେ ଆପଣଙ୍କ ଶରୀରରେ ପ୍ରୋଟିନ୍ ଭାଗ କମ୍ ଅଛି ।

ଯଦି ଆପଣଙ୍କ ଶରୀର କୌଣସି କ୍ଷତ ସୁଖିବା ପାଇଁ ସମୟ ନେଉଛି ତାହାଲେ ଜାଣିରଖନ୍ତୁ ଯେ ଶରୀରରେ ପ୍ରୋଟିନ୍ ଭାଗ କମ୍ ଅଛି ।

ଅଚାନକ ଓଜନ ବୃଦ୍ଧି ପାଇବା ବି ପ୍ରୋଟିନ୍ ଅଭାବର ଲକ୍ଷଣ । ପ୍ରୋଟିନ୍ ଅଭାବ ଥିଲେ ଉଭୟ ସ୍ୱାସ୍ଥ୍ୟ କମିଥାଏ ନଚେତ ବଢ଼ିଥାଏ ।

ଆପଣଙ୍କ ସୂଚନା ସକାଶେ ଜଣାଇ ଦେଉଛୁ ଯେ ଜଣେ ପୁରୁଷ ଶରୀର ପାଇଁ ୫୬ ଗ୍ରାମ ଏବଂ ମହିଳା ଶରୀର ପାଇଁ ୪୬ ଗ୍ରାମ ପ୍ରୋଟିନ୍ ଆବଶ୍ୟକ ହୋଇଥାଏ । ଆପଣ ନିଜ ଶରୀରରେ ପ୍ରୋଟିନ୍ ପରିମାଣ ବଢ଼ାଇବା ପାଇଁ ଦୁଗ୍ଧ ଜାତୀୟ ସମସ୍ତ ଖାଦ୍ୟ ଯେପରିକି ଅଣ୍ଡା, ସିମ୍ବ, ପୋଇ, ମଟର ଛୁଇଁ ଆଦି ଖାଆନ୍ତୁ ।

## ସବୁକଥା ବନ୍ଧୁଙ୍କୁ କହିବେନି

ସବୁବେଳେ ନିଜ ସମ୍ପର୍କକୁ ସିମ୍ପଲ ରଖିବା ଭଲ ହେବ । ସମ୍ପର୍କରେ ସମସ୍ତ ସୁଖଦ ମୁହୂର୍ତ୍ତକୁ ବନ୍ଧୁମାନଙ୍କ ସହ ସେୟାର କରିବା ଦ୍ୱାରା ବେଳେବେଳେ ସେମାନେ ଈର୍ଷା କରିପାରନ୍ତି ଆଉ ସମ୍ପର୍କରେ ଥିବା ସମସ୍ୟା ବିଷୟରେ ସେୟାର କଲେ ସେମାନେ କୌଣସି ବିଷୟବସ୍ତୁକୁ ନେଇ ହସି ପାରନ୍ତି । ସାଥୀଙ୍କ ସହ ଆପଣଙ୍କ ଜୀବନ କେତେ ଭଲ କେତେ ଖରାପ ତାହା ବନ୍ଧୁଙ୍କ ସହ ଆଲୋଚନା କରିବାରେ କମିଛି ମାନେ ନାହିଁ । ସାଥୀଙ୍କ ସହ ଝଗଡ଼ା ହେବା ପରେ ଆପଣ ଆପଣଙ୍କ ଦୁଃଖକୁ କାହା ସହ ନିଶ୍ଚିତ ସେୟାର କରିବାକୁ ଭାବୁଥିବେ । କିନ୍ତୁ ଏହା ସତଯେ, ଆପଣ ସାଥୀଙ୍କ ସହ କ'ଣ ଝଗଡ଼ା ହେଉଛି ସେ ବିଷୟରେ ବନ୍ଧୁଙ୍କ ସହ ଆଲୋଚନା କରିବା କିଛି ମାନେ ନାହିଁ । ଯଦି ସାଥୀଙ୍କ ଆର୍ଥିକ ସ୍ଥିତି ଭଲ ନାହିଁ ତ ଭଲ ହେବ, କିନ୍ତୁ ଏ ବିଷୟରେ ଆପଣ ପ୍ରଥମେ ତାଙ୍କ ସହ ହିଁ ଆଲୋଚନା କରନ୍ତୁ । କିନ୍ତୁ ଅନ୍ୟ କାହାଦ୍ୱାରା ଆଲୋଚନା କରିବା ଦ୍ୱାରା ସମ୍ପର୍କ ଆଦୌ ଭଲ ରହିବ ନାହିଁ । ସାଥୀଙ୍କ ସହ କୌଣସି ସମସ୍ୟାକୁ ଆପଣଙ୍କ ବାପା ମା' କିମ୍ବା ଭଉଣୀଙ୍କ ସହ ସେୟାର କରିପାରିବେ, କିନ୍ତୁ ବନ୍ଧୁଙ୍କୁ ଏହା ଭିତରକୁ ନଆଣିବା ଠିକ୍ ହେବ ।

## ବିସ୍କୁଟରେ କେଉଁଥି ପାଇଁ ରହିଥାଏ ଛିଦ୍ର ? : ଜାଣନ୍ତୁ କାରଣ



ପିଲାଠାରୁ ଆରମ୍ଭ କରି ବୟସ୍କ ବ୍ୟକ୍ତି ପ୍ରର୍ଯ୍ୟନ୍ତ ସମସ୍ତେ ବିସ୍କୁଟ ଖାଇବାକୁ ପସନ୍ଦ କରିଥାନ୍ତି ଏବଂ ଖାଇ ମଧ ଥାନ୍ତି । ବିଭିନ୍ନ ସ୍ୱାଦ ଏବଂ ଗୁଣବତ୍ତା ସହିତ ବଜାରରେ ମଧ ଅନେକ ପ୍ରକାରର ବିସ୍କୁଟ ଉପଲବ୍ଧ ହେଉଛି । ତେବେ ଆପଣମାନେ ସର୍ବଦା ଲକ୍ଷ କରିଥିବେ କିଛି ବିସ୍କୁଟରେ ଗର୍ତ୍ତ ନଥିବାବେଳେ ଅଧିକାଂଶ ବିସ୍କୁଟରେ ଗର୍ତ୍ତ ଥାଏ । ଯାହାକୁ ନେଇ ଅନେକ ସମୟରେ ଲୋକଙ୍କ ମନରେ ପ୍ରଶ୍ନ ଆସିଥାଏ ବିସ୍କୁଟରେ କାହିଁକି ଗର୍ତ୍ତ ରହିଛି । ତେବେ ଆମେ ଆଜି ଆପଣଙ୍କୁ କହିବୁ କାହିଁକି ବିସ୍କୁଟରେ ଏତେ ଗର୍ତ୍ତ ଥାଏ ।

ଅଧିକାଂଶ ଲୋକ ଭାବନ୍ତି ଯେ ବିସ୍କୁଟ ଉପରେ ଥିବା ଏହି ଛିଦ୍ରଗୁଡ଼ିକ କେବଳ ଡିଜାଇନ୍ ପାଇଁ ନିର୍ମିତହୋଇଛି । କିନ୍ତୁ ବାସ୍ତବରେ ଏହା ସତ୍ୟ ନୁହେଁ , ବିସ୍କୁଟରେ ଛିଦ୍ର ହେବାର ମଧ କିଛି କାରଣ ରହିଛି । ପ୍ରକୃତରେ ବିସ୍କୁଟରେ ଏହି ଛିଦ୍ର କରିବା ଏହାର ଉତ୍ପାଦନର ଏକ ଅତ୍ୟାବଶ୍ୟକ ଅଂଶ । ଏହା ପଛରେ ଏକ ପ୍ରକାର ବିଜ୍ଞାନ ମଧ ଲୁଚି ରହିଛି । ତେବେ ବିସ୍କୁଟରେ ତିଆରି ଏହି ଛିଦ୍ରଗୁଡ଼ିକୁ ଡକର୍ସ କୁହାଯାଏ । ଆପଣ ଏହି ଉଦାହରଣରୁ ବିସ୍କୁଟରେ କଣା କାହିଁକି ରହେ ତାହା ସହଜରେ ବୁଝିପାରିବେ । ଯେତେବେଳେ ଏକ ଘର ନିର୍ମାଣ ହୁଏ, ସେତେବେଳେ ଭେଣ୍ଟିଲେସନ୍ ପାଇଁ ଛିଦ୍ର ରଖାଯାଏ । ଯାହା ଦ୍ୱାରାବାୟୁ ଚଳାଚଳ କରିପାରିବ । ବିସ୍କୁଟରେ ଛିଦ୍ର ତିଆରି କରିବାର କାରଣ ମଧ ସମାନ । ବାସ୍ତବରେ, ବିସ୍କୁଟରେଛିଦ୍ର ରଖିବାର ବଡ କାରଣ ହେଉଛି ଯେ ବେକିଂ ସମୟରେ ବାୟୁ ସହଜରେ ଏହି ଗର୍ତ୍ତଗୁଡ଼ିକ ଦେଇଯାଇପାରେ । ବିସ୍କୁଟ ତିଆରି କରିବା ପାଇଁ ମଇଦା, ଅଟା, ଲୁଣ, ଚିନି ଭଳି ଉପାଦାନ ବ୍ୟବହାର କରାଯାଏ । ଏହି ସାମଗ୍ରୀକୁ ମିଶାଇ ଏକ ଛାଞ୍ଚରେ ରଖି ମେସିନ୍ ତଳେ ରଖାଯାଏ ଏବଂ ମେସିନ୍ ସେଥିରେ ଛିଦ୍ର ତିଆରି କରେ । ବାସ୍ତବରେ, ଛିଦ୍ର ବିନା ବିସ୍କୁଟ ସଠିକ୍ ଭାବରେ ତିଆରି ହୁଏ ନାହିଁ, କାରଣ ବିସ୍କୁଟ ତିଆରି କରିବା ସମୟରେ କିଛି ବାୟୁ ସେଥିରେ ଭରିଯାଏ । ଯେତେବେଳେ ଓଭନରେ ବିସ୍କୁଟ ତିଆରି ହୁଏ, ସେହି ସମୟରେ ଗରମ ହେତୁ ବିସ୍କୁଟ ଫୁଲିବା ଆରମ୍ଭ କରନ୍ତି । ଏଭଳି ପରିସ୍ଥିତିରେ ବିସ୍କୁଟର ଆକୃତି ନଷ୍ଟ ହେବାର ଆଶଙ୍କା ରହିଥାଏ ଏବଂ ଭାଙ୍ଗିଯିବାର ଭୟ ରହିଥାଏ । ସେଥିପାଇଁ ବିସ୍କୁଟରେ ବାୟୁ ଏବଂ ଉତ୍ତାପକୁ ବାହାର କରିବା ପାଇଁ କଣା ରଖାଯାଏ ।

## ମହିଳାମାନଙ୍କ ଅପେକ୍ଷା ପୁରୁଷଙ୍କ ପାଇଁ ଏହି ରୋଗ ଅଧିକ ବିପଜ୍ଜନକ: ତେଣୁ ଏବେଠୁ ସାବଧାନ

**ପୁରୁଷ ଓ ମହିଳାଙ୍କ ଶରୀର ଅନେକ କ୍ଷେତ୍ରରେ ଅଲଗା, ତେଣୁ ସେମାନଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ମଧ ଭିନ୍ନ ହୋଇପାରେ । ରୋଗ ଯେତେ ଦୂର, ଏହି ଉଭୟ ଲିଙ୍ଗକୁ ନିଜ ନିଜ ଉପାୟରେ ସତର୍କ ରହିବାକୁ ପଡିବ ନଚେତ୍ ସ୍ୱାସ୍ଥ୍ୟ କ୍ଷତିଗ୍ରସ୍ତ ହୋଇପାରେ । ତଥାପି, କେତେକ ରୋଗ ଏପରି ଯେ ପୁରୁଷଙ୍କ ଅପେକ୍ଷା ପୁରୁଷମାନେ ଅଧିକ ପ୍ରଭାବିତ ହୁଅନ୍ତି । ଆସନ୍ତୁ ଆଜି ସେଗୁଡ଼ିକ ଉପରେ ନଜର ପକାଇବା ।**



ଉଦାସୀନତା : ସାଧାରଣତଃ ବିଶ୍ୱାସ କରାଯାଏ ଯେ ମହିଳାମାନେ ଭାବପ୍ରବଣ ଅଟନ୍ତି, କିନ୍ତୁ ଉଦାସୀନତାର ସମସ୍ୟା ସେମାନଙ୍କ ଅପେକ୍ଷା ପୁରୁଷମାନଙ୍କଠାରେ ଅଧିକ ଦେଖାଯାଏ । ଏହାର କାରଣ ହେଉଛି ମହିଳାମାନେ ସେମାନଙ୍କର ସମସ୍ୟାକୁ ଅଧିକ ପ୍ରକାଶ କରୁଥିବାବେଳେ ପୁରୁଷମାନେ ସେମାନଙ୍କର ଭାବନାକୁ ଲୁଚାନ୍ତି, ଯେଉଁଥିପାଇଁ ସେମାନେ ଭିତରକୁ ଚାପି ହୋଇଯାଆନ୍ତି । ଏହା ଭଲ ଯେ ଯେତେବେଳେ ବି ତୁମେ ବିରକ୍ତ ହୁଅ, ତେବେ ନିଶ୍ଚିତ ଭାବରେ ତୁମର ଘନିଷ୍ଠ ବ୍ୟକ୍ତିଙ୍କ ସହିତ ଏହି ବିଷୟ ସେୟାର କରନ୍ତୁ, ଏହା ଟେନସନ ଏବଂ ଚାପକୁ ଦୂର କରିପାରିବ ।

ହୃଦ୍ ?ରୋଗ : ମହିଳାମାନଙ୍କ ଅପେକ୍ଷା ପୁରୁଷମାନଙ୍କଠାରେ ଅଧିକାଂଶ ହୃଦୟ ସମ୍ବନ୍ଧୀୟ ରୋଗର ଆଶଙ୍କା ଅଧିକ ଥାଏ, କାରଣ ପୁରୁଷମାନେ ଅଧିକ କୋଲେଷ୍ଟ୍ରଲ୍ ସ୍ତର ଦ୍ୱାରା ଅଧିକ ଅସୁବିଧାରେ ପଡ଼ନ୍ତି, ତେଣୁ ସମୟ ସମୟରେ ଆପଣଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିବା ଗୁରୁତ୍ୱପୂର୍ଣ୍ଣ ।

ମଧୁମେହ : ପୁରୁଷଙ୍କ ତୁଳନାରେ ପୁରୁଷମାନେ ଅଧିକ ତେଲିଆ ଜିନିଷ ଖାଇଥା'ନ୍ତି, ଯେଉଁ କାରଣରୁ ସେମାନଙ୍କର କୋଲେଷ୍ଟ୍ରଲ ସ୍ତର ବଢିଯାଏ ଯାହା ପରେ ମଧୁମେହର କାରଣ ହୋଇଯାଏ । ସେଥିପାଇଁ ଏହା ଜରୁରୀ ଯେ ଆପଣ କେବଳ ସୁସ୍ଥ ଖାଦ୍ୟ ଖାଆନ୍ତୁ ଏବଂ ନିୟମିତ ଭାବରେ ରକ୍ତରେ ଶର୍କରା ସ୍ତର ଯାଞ୍ଚ କରନ୍ତୁ ।

ଯକୃତ ରୋଗ : ଯଦି ଆପଣ ଏହାକୁ ଦେଖନ୍ତି, ତେବେ ଆପଣ ଦେଖିବେ ଯେ ମହିଳାମାନଙ୍କ ଅପେକ୍ଷା ପୁରୁଷମାନଙ୍କଠାରେ ମଦ୍ୟପାନର ନିଶା ଅଧିକ ଦେଖାଯାଏ, ଯେଉଁଥିପାଇଁ ସେମାନଙ୍କର ଯକୃତ ଅଧିକ ପ୍ରଭାବିତ ହୁଏ ଏବଂ ଏହି ଅଙ୍ଗ ସମ୍ବନ୍ଧୀୟ ରୋଗର ଆଶଙ୍କା ବଢିଯାଏ । ଫୁସଫୁସ ରୋଗ : ପ୍ରାୟତଃ ଆପଣ ନିଶ୍ଚିତ ଭାବରେ ଦେଖିଥିବେ ଯେ ପୁରୁଷମାନେ ମହିଳାଙ୍କ ଅପେକ୍ଷା ଅଧିକ ଧୂମପାନ କରନ୍ତି ଏବଂ ଘରୁ ବାହାରକୁ ଯିବା କାରଣରୁ ସେମାନେ ଧୂଳି ଏବଂ ପ୍ରଦୂଷଣର ଶିକାର ହୁଅନ୍ତି, ଏପରି ପରିସ୍ଥିତିରେ ପୁରୁଷମାନେ ମଧ୍ୟ ଫୁସଫୁସ ରୋଗରେ ଆକ୍ରାନ୍ତ ହୁଅନ୍ତି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଜଳ ସଙ୍କଟ...

ଏକ ସମ୍ବଳ, ଯାହା ପୃଥିବୀ ପୃଷ୍ଠର ୭୧ ପ୍ରତିଶତ ଆଚ୍ଛାଦନ କରିଛି, ତା'ର ଅଭାବ କଥା ଶୁଣିଲା ବେଳକୁ ଅତି ନିଷ୍ଠୁର ଭାବରେ ବିରୋଧାଭାସୀ ଲାଗେନାହିଁ କି ? ପରନ୍ତୁ, ବାସ୍ତବ କଥା ହେଲା ଏହି ସଂକଟର ହିଁ ବର୍ତ୍ତମାନ ଭାରତ, ନିର୍ଦ୍ଦିଷ୍ଟ ଭାବରେ ଆଜିକା ଦିନର ଆମ ଦେଶ ସମ୍ମୁଖୀନ ହେଉଛି । ୧.୩ ବିଲିଅନ୍‌ରୁ ଅଧିକ ଲୋକସଂଖ୍ୟା ସହିତ ଭାରତରେ ରହିଛନ୍ତି ବିଶ୍ୱର ୧୮ ପ୍ରତିଶତ ଲୋକ; କିନ୍ତୁ ଏହା ନିକଟରେ ଅଛି ବିଶ୍ୱର ମାତ୍ର ୪ ପ୍ରତିଶତ ଜଳ ସମ୍ବଳ, ଯାହା ଏହାକୁ ବିଶ୍ୱର ସର୍ବାଧିକ ଜଳ ଚାପଗ୍ରସ୍ତ ଦେଶରେ ପରିଣତ କରୁଛି । ଭାରତ ସରକାରଙ୍କ ନୀତିଗତ ଚିନ୍ତନ ଶିବିର ନୀତି ଆୟୋଗର ଏକ ସଦ୍ୟତମ ରିପୋର୍ଟ ଅନୁସାରେ ଏକ ସିଂହ ଭାଗ ଭାରତୀୟ ସର୍ବାଧିକରୁ ଅତ୍ୟଧିକ ପର୍ଯ୍ୟନ୍ତ ଜଳଜନିତ ଚାପର ସାମ୍ନା କରୁଛନ୍ତି। ସ୍ୱାଧୀନତାର ୭୫ ବର୍ଷ ପରେ ଭାରତରେ ବ୍ୟକ୍ତି ପିଛା ଜଳର ଉପଲବ୍ଧତା ହାରାହାରି ୭୫ ପ୍ରତିଶତ କମିଯାଇଛି । ପ୍ରତ୍ୟେକ ଭାରତୀୟଙ୍କ ନିକଟରେ ଆଜିକା ଦିନରେ ବାର୍ଷିକ ମାତ୍ର ୧,୪୮୬ ଘନ ମିଟର ପାନୀୟ ଜଳର ଉପଲବ୍ଧତା ରହିଛି, ଯାହା ଦେଶକୁ ଜଳ-ସଂକଟଗ୍ରସ୍ତ ଦେଶ ବର୍ଗରେ ସ୍ଥାନିତ କରିଛି । ବସ୍ତୁତଃ, ଭାରତ ବିପଜ୍ଜନକ ଭାବରେ ୧,୦୦୦ ଘନ ମିଟରରେ ଧାର୍ଯ୍ୟ କରାଯାଇଥିବା ସୀମାର ନିକଟବର୍ତ୍ତୀ ହେଉଛି, ଯାହା ଦେଶକୁ ଜଳ-ଅଭାବ ଭୋଗୁଥିବା ଦେଶଙ୍କ ବର୍ଗରେ ସାମିଲ କରିବାକୁ ଯାଉଛି । ମୋଟାମୋଟି ଭାରତ ବର୍ତ୍ତମାନ ଏହାର ଅଧିକାଂଶ ଲୋକଙ୍କୁ ନିରାପଦ, ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବା କ୍ଷେତ୍ରରେ ଅକ୍ଷମ ହେଉଥିବା ଜଣାପଡ଼ିଛି । କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡରୁ ଉପଲବ୍ଧ ତଥ୍ୟ ଅନୁସାରେ ସମଗ୍ର ଭାରତରେ ପାନୀୟ ଜଳ ପାଇବା ନିମନ୍ତେ ରହିଥିବା ୭,୦୮୯ ୟୁନିଟ୍ ଉତ୍ସ ମଧ୍ୟରୁ ୧,୦୦୬ଟି ୟୁନିଟ୍‌କୁ 'ଅତ୍ୟଧ-ଶୋଷଣ' କରାଯାଉଥିବା ବର୍ଗରେ ସାମିଲ କରାଯାଇପାରେ, ଅର୍ଥାତ୍ ମୌସୁମୀ ବର୍ଷା ଦ୍ୱାରା ଏସବୁ ୟୁନିଟ୍‌ରେ ଯେତିକି ଜଳ ଭରଣା କରାଯାଇଥାଏ, ସାଧାରଣତଃ ତା'ଠାରୁ ଢେର୍ ଅଧିକ ପରିମାଣର ଜଳ ଏସବୁରୁ ବାହାର କରି ନିଆ ଯାଇଥାଏ । ଭାରତର ଜଳସେଚନ ଆବଶ୍ୟକତାର ୬୨ ପ୍ରତିଶତ ଏବଂ ଗ୍ରାମୀଣ ଜଳ ଯୋଗାଣ ଆବଶ୍ୟକତାର ୮୫ ପ୍ରତିଶତ ଭୂତଳ ଜଳରୁ ଭରଣା କରାଯାଉଥିବା ଦୃଷ୍ଟିରୁ ଏଥରେ ବିସ୍ମିତ ହେବାର କିଛି ନାହିଁ ଯେ ପଞ୍ଜାବ, ହରିୟାନା ଏବଂ ତାମିଲନାଡୁ ଭଳି କୃଷି ଉପରେ ଅଧ୍ୟକ ନିର୍ଭରଶୀଳ ରାଜ୍ୟଗୁଡ଼ିକ ଅତ୍ୟଧିକ ପରିମାଣରେ ଭୂତଳ ଜଳ ଶୋଷଣ କରାଯାଉଥିବା ରାଜ୍ୟମାନଙ୍କ ତାଲିକାର ଶୀର୍ଷରେ ସ୍ଥାନ ପାଇଛନ୍ତି । ବିଗତ ୫୦ ବର୍ଷ ମଧ୍ୟରେ ଦେଶର କୃଷି ନୀତି ଅନୁସାରେ ଭୂତଳ ଜଳର ବ୍ୟବହାର ସମସ୍ତଙ୍କ ପାଇଁ ମୁକ୍ତ କରାଯିବା ଦ୍ୱାରା ଏହା ଅଧିକ ପରିମାଣରେ ବ୍ୟବହାର ହୋଇଛି । ଅଟକଳ ଦର୍ଶାଇଛି ଯେ ଭାରତର ଭୂତଳ ଜଳ ବ୍ୟବହାର ବୈଶ୍ୱିକ ଭୂତଳ ଜଳ ବ୍ୟବହାରର ହାରାହାରି ଏକ-ଚତୁର୍ଥାଂଶ ହୋଇଥିବା ବେଳେ ଏହାର ପରିମାଣ ଉଭୟ ଚୀନ୍ ଓ ଆମେରିକାର ସମଷ୍ଟିଗତ ବ୍ୟବହାରକୁ ଅତିକ୍ରମ କରି ଯାଇଛି । ଚାଷୀମାନଙ୍କୁ ଭୂତଳ ଜଳ ଉତ୍ତୋଳନ କରିବାକୁ ବିଦ୍ୟୁତ୍ ଶକ୍ତି କ୍ଷେତ୍ରରେ ରିହାତି ପ୍ରଦାନ କରାଯାଉଥିବା ପରିପ୍ରେକ୍ଷୀରେ ଦେଶର କେତେକ ଅଂଶରେ ଜଳର ସାରଣୀ ୪ ମିଟର ତଳକୁ ଖସି ଯାଇଥିବା ଜଣାପଡ଼ିଛି । ଭାରତର ଜଳ ସଂକଟକୁ ଅଧୁକ ବୃଦ୍ଧି କରାଉଥବା ଅନ୍ୟ ଏକ ଉପାଦାନ ହେଉଛି, ଜଳବାୟୁ ପରିବର୍ତ୍ତନ ସମସ୍ୟା । ନିରାପଦ ପାନୀୟ ଜଳ ହେଉଛି ଏକ ସର୍ବସାଧାରଣ ସମ୍ବଳ; ତତ୍ତ୍ୱ ଦୃଷ୍ଟିରୁ ଏହା ସମସ୍ତଙ୍କ ନିମନ୍ତେ ଉପଲବ୍ଧ ହେବା ଉଚିତ। ପରନ୍ତୁ, ଅନ୍ୟାନ୍ୟ କାରଣଗୁଡ଼ିକ ମଧରେ ଭୂପୃଷ୍ଠ ଜଳାଞ୍ଚଳଗୁଡ଼ିକର ଜବର ଦଖଲ ଏବଂ ପ୍ରଦୂଷଣ, ଅତ୍ୟଧିକ ପରିମାଣର ନିଷ୍କାସନ, ଜଳାଞ୍ଚଳଗୁଡ଼ିକୁ ପୂର୍ଣ୍ଣ କରିବା ନିମନ୍ତେ ବିକଳ୍ପ ଉତ୍ସଗୁଡ଼ିକର ଅଭାବ, ମ୍ୟୁନିସିପାଲ କର୍ତ୍ତୃପକ୍ଷମାନଙ୍କ ନିରୁତ୍ସାହତା, ଦୁର୍ବଳ ସହରାଞ୍ଚଳ ଯୋଜନା ଏହି ସର୍ବସାଧାରଣ ସମ୍ବଳକୁ ଅନେକଙ୍କ ପହଞ୍ଚ ବାହାରେ ରଖୁଛି ଓ ନୀତିଗତ ହସ୍ତକ୍ଷେପ ଏବଂ ଜନ ସଚେତନତା ସୃଷ୍ଟି କରି ଜଳର ସଂରକ୍ଷଣ କରାଯିବା ଉପରେ ପ୍ରାଥମିକତା ପ୍ରଦାନ କରାଯିବା ସର୍ବାଦୌ ଆବଶ୍ୟକ । ତେବେ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ହେଉଛି, ଏକ ଦେଶର କୃଷି ପାଇଁ ଆବଶ୍ୟକତା ଏବଂ ପାନୀୟ ଜଳର ଉପଲବ୍ଧତା ମଧରେ ସନ୍ତୁଳନ ରକ୍ଷା କରିବା। ସଂକଟକୁ ଯାହା ଅଧିକ ଗମ୍ଭୀର କରି ତୋଳୁଛି, ତାହା ହେଉଛି ଏହାର ସ୍ତରୀକୃତ ସ୍ୱଭାବ । ଜଳର କୁପରିଚାଳନା ଏବଂ ଦୁର୍ନୀତି ଅନେକ ସମୟରେ ସମ୍ବାଦପତ୍ରଗୁଡ଼ିକର ଶିରୋନାମା ପାଲଟି ଥାଏ, କିନ୍ତୁ ଭାରତର ଅଧିକାଂଶ ନେତା ଏହି ପ୍ରସଙ୍ଗର ସମାଧାନ ନିମନ୍ତେ ହୁଏତ ମନ୍ଥର ମନୋଭାବ ପ୍ରକାଶ କରିଥାନ୍ତି ନଚେତ୍ କ୍ୱଚିତ୍ କୌଣସି ନୂଆ ପ୍ରଯୁକ୍ତି ବା ସାମୁହିକ ଯୋଜନା କରିବାକୁ ଆଗେଇ ଆସିଥାନ୍ତି। ଯେ ପର୍ଯ୍ୟନ୍ତ ପରିସ୍ଥାନ, ପରିବେଶ, ଜଳବାୟୁ, ନାଗରିକ ସମାଜର ଦାୟିତ୍ୱ, ସହରାଞ୍ଚଳ ଯୋଜନାର ରୂପରେଖ ଭଳି ଏଥି ସହିତ ସମ୍ପୃକ୍ତ ଅନେକଗୁଡ଼ିଏ ଜିନିଷ, ଯାହା ଏକା ସାଙ୍ଗରେ ଏହି ପରିସରକୁ ସଂକୁଚିତ କରୁଥିବା ଭଳି ଆହ୍ୱାନଗୁଡ଼ିକୁ ସମାଧାନ ନ କରିଛି, ସେ ପର୍ଯ୍ୟନ୍ତ ଜଳ ସଂରକ୍ଷଣ ନିମନ୍ତେ ଯୋଜନା କରାଯିବା ସମ୍ପୂର୍ଣ୍ଣ ଅର୍ଥହୀନ ହେବାର ଢେର୍ ସମ୍ଭାବନା ରହିବ । ତେଣୁ କଥନିକା ଅନୁସାରେ ଛାଣିକି ପାଣି ପିଇବା ନୁହେଁ, ବରଂ ଆଗାମୀ ସମୟରେ ଗଣି ଗଣିକି ପାଣି ପିଇବା ସମସ୍ତଙ୍କ ପାଇଁ ଅପରିହାର୍ଯ୍ୟ ହୋଇ ପଡ଼ିବ, ଯେହେତୁ ପାଣି ହିଁ ସ୍ୱୟଂ ବର୍ତ୍ତମାନ ଛାଣି ଏବଂ ଗଣି ହୋଇ ଯାଉଛି ।

# ଓଡ଼ିଆ ଭାଷା ସାହିତ୍ୟର ନୀରବ ସାଧକ କବି ମନୋହର



## ବୈଷ୍ଣବ ମେହେର

ସ୍ୱତଂତ୍ର ଉତ୍କଳ ପ୍ରଦେଶ ଗଠନ ହେବାର ବହୁ ବର୍ଷ ପୂର୍ବରୁ ଜଣେ ନୀରବ ଓ ନିରଳସ ସାଧକ ଭାବରେ ଓଡ଼ିଆ ଭାଷା ସାହିତ୍ୟର ସ୍ରଷ୍ଟାଙ୍କ ମଧ୍ୟରେ ପଲ୍ଲୀକବି ମନୋହର ମେହେର ଅନ୍ୟତମ । ୧୮୮୫ ମସିହା ପବିତ୍ର ଶ୍ରୀରାମ ନବମୀ ତିଥିରେ ବର୍ତ୍ତମାନର ଛତିଶଗଡ଼ ସୀମାବର୍ତ୍ତୀ ନୂଆପଡ଼ା ଜିଲ୍ଲା ସିନାପାଲିଠାରେ ଜନ୍ମିତ ମନୋହର ମେହେରଙ୍କ ଜନ୍ମ ସମୟରେ ତାଙ୍କ ଜନ୍ମମାଟି ମଧ୍ୟପ୍ରଦେଶ ରାଜ୍ୟ ଅଧିନସ୍ଥ ଥିଲା । ସେତେବେଳେ ଏହି ଦୁର୍ଗମ ଅଂଚଳରେ ହିନ୍ଦୀ ଭାଷାର ପ୍ରାବଲ୍ୟତା ରହିଥିବା ବେଳେ ଏଭଳି ଏକ ପ୍ରତିକୂଳ ପରିବେଶରେ ଜଣେ ପ୍ରତିଭାବନ୍ତ ବାଣୀସାଧକ ଭାବରେ ବାଣୀପୁତ୍ର କବି ମନୋହରଙ୍କ ଏକନିଷ୍ଠ ସାହିତ୍ୟ ସାଧନା ବର୍ତ୍ତମାନର ପିଢ଼ିକୁ ଆଶ୍ଚର୍ଯ୍ୟ କରିବା ସ୍ୱାଭାବିକ । ସେତେବେଳର ଖଡ଼ିଆଳ ରାଜାରାଜୁଡ଼ା ଅଧିନସ୍ଥ କବିଙ୍କ ଜନ୍ମମାଟି ସିନାପାଲି ଅଂଚଳରେ ହିନ୍ଦୀ ଭାଷା ସରକାରୀ ଭାଷା ରୂପେ ପ୍ରଚଳିତ ଥିଲା। ଆଗ୍ରହୀ ଲୋକେ ପାରମ୍ପରିକ ଭାବରେ ପୁରାଣ, ଶାସତ୍ର ଆଦି ମାଧ୍ୟମରେ ଓଡ଼ିଆ ଭାଷାର ଅଧ୍ୟୟନ ଓ ଶିକ୍ଷା ଗ୍ରହଣ କରୁଥିଲେ । ଚାଟଶାଳୀ ଶିକ୍ଷା ଥିଲା ସେତେବେଳେ ଏଠିକାର ଶିକ୍ଷା ଅଧ୍ୟୟନର ଏକ ମାତ୍ର ବିକଳ୍ପ । ସୌଭାଗ୍ୟକୁ କବି ମନୋହରଙ୍କ ବଡ଼ ଭାଇ ଦୟାରାମ ଚାଟଶାଳି ଶିକ୍ଷା ଗ୍ରହଣ କରି ଅମରକୋଷ ଓ ଜ୍ୟୋତିଷ ବିଦ୍ୟା ଆଦିରେ ପାରଦର୍ଶିତା ହାସଲ କରିସାରିଥିଲେ । ଏହା ହିଁ କବି ମନୋହରଙ୍କ ପାଇଁ ବେଶ ସହାୟକ ହେଲା ଏବଂ ଚଉଦ ବର୍ଷ ବୟସରେ ଜୈଷ୍ଠଭ୍ରାତା ଦୟାରାମଙ୍କ ସାନ୍ନିଧ୍ୟରେ ମନୋହରଙ୍କ ପ୍ରାରମ୍ଭିକ ବିଦ୍ୟାରାମ୍ଭ ହେଲା । ସେହି ସମୟରେ ବର୍ତ୍ତମାନ ଭଳି ସିଲେଟ ଖଡ଼ି ନଥିବାରୁ ଶିକ୍ଷାର୍ଥୀମାନେ କାଠ ପଟା ଉପରେ ରଙ୍ଗ ମାଟି ମଡ଼ାଇ ତା' ଉପରେ ଧାତୁ ଗଛର କାଠିକୁ ଖଡ଼ି କରି ଅକ୍ଷର ଶିକ୍ଷା କରୁଥିଲେ । ଶିକ୍ଷାର୍ଥୀଙ୍କ ପାଠ ପ୍ରତି ଆଗ୍ରହ ଓ ପ୍ରଚେଷ୍ଟା ହିଁ ସେମାନଙ୍କୁ ଜ୍ଞାନ ଆହରଣର ମୁଖ୍ୟ ଆୟୁଧ୍ୟ ହେଉଥିଲା । ଯାହା କବି ମନୋହରଙ୍କ ନିକଟରେ ଦେଖିବାକୁ ମିଳିଥିଲା ଏବଂ ସେ ଏହିପରି ଭାବରେ ବିଦ୍ୟାଶିକ୍ଷା କରି ପରବର୍ତ୍ତୀ ସମୟରେ ବିଭିନ୍ନ ପୋଥି ପୁରାଣ ପଢ଼ିବା ସହ ନିଜ ଜ୍ଞାନର ପରିସୀମାକୁ ପରିବର୍ଦ୍ଧିତ କରିପାରିଥିଲେ ।

ମାତ୍ର ୨୨ବର୍ଷ ବୟସରେ ୧୯୦୭ ମସିହାରେ କବି ତାଙ୍କର ପ୍ରଥମ ପୁସ୍ତକ 'ଚିନ୍ତାମଣି ଚଉତିଶା' ରଚନା କରିଥିଲେ । ଏହା ପରେ କିନ୍ତୁ କବିଙ୍କ ପାରିବାରିକ ଜୀବନରେ ଆକସ୍ମିକ ଦୁଃଖ ମାଡ଼ି ଆସିଲା । ପୂର୍ବରୁ କବି ନିଜ ପିତା ଘେନୁରାମଙ୍କୁ ହରାଇସାରିଥିବା ବେଳେ ମହାମାରୀର କରାଳ ଗ୍ରାସରେ ଗୋଟିଏ ଦିନରେ ବଡ଼ଭାଇ ଓ ମାତାଙ୍କୁ ହରାଇ କବି ମ୍ରିୟମାଣ ହୋଇ ପଡ଼ିଥିଲେ । ଏଭଳି ଏକ ଶୋକାକୂଳ ପରିସ୍ଥିତିରେ ନିଜକୁ ନିଜେ ସମ୍ଭାଳି ନେଇ ପରିବାରର କୌଳିକ ବୃତ୍ତି କୃଷିକାର୍ଯ୍ୟକୁ ଆପଣାଇ ପରିବାର ପ୍ରତିପୋଷଣ ପାଇଁ କବିଙ୍କୁ ଅଧିକ ଧ୍ୟାନ ଦେବାକୁ ପଡ଼ିଥିଲା । ଭୀଷଣ ପ୍ରତିକୂଳ ପରିସ୍ଥିତି ସ୍ଥିତପ୍ରଜ୍ଞ ସାହିତ୍ୟ ସାଧକ ମନୋହରଙ୍କୁ କିନ୍ତୁ ଲକ୍ଷଚ୍ୟୁତ କରିପାରି ନଥିଲା । କିଛି ଦିନ ପରେ ସେ ଉଭୟ ପାରିବାରିକ ଦାୟିତ୍ୱ ଓ ସାରସ୍ୱତ ଦାୟିତ୍ୱକୁ ଏକା ସାଙ୍ଗରେ ନିର୍ବାହ କରିବାକୁ ଅଣ୍ଟା ଭିଡ଼ି ଆଗେଇ ଆସିଲେ । ପରବର୍ତ୍ତୀ ସମୟରେ ଉତ୍କଳ ସୀମାନ୍ତରେ ଓଡ଼ିଆ ଭାଷା ସାହିତ୍ୟର ଜଣେ ଜାଗ୍ରତ ପ୍ରହରୀ ସମ ନିଜ କର୍ତ୍ତବ୍ୟରେ ଆଦୌ ଅବହେଳା ନକରି ସାହିତ୍ୟ ସାଧନାରେ ମନୋନିବେଶ କରି ଚାଲିଲେ । ଫଳ ସ୍ୱରୂପ କବି ମନୋହରଙ୍କ ଲେଖନୀରେ ପନ୍ଦର ଖଣ୍ଡ ଚଉତିଶା, ଏଗାର ଖଣ୍ଡ ସ୍ତୁତି, ତିନି ଖଣ୍ଡ ଜଣାଣ, ଚାରି ଖଣ୍ଡ ଗୀତ, ତିନି ଖଣ୍ଡ ବାରମାସୀ, ନଅ ଖଣ୍ଡ ବୋଲି, ଚାରି ଖଣ୍ଡ ବ୍ରତ ପୂଜା, ଛଅ ଖଣ୍ଡ ଜ୍ୟୋତିଷ, ଛଅ ଖଣ୍ଡ ଦଣ୍ଡନାଟ, ପାଂଚ ଖଣ୍ଡ ଲୋକନାଟ୍ୟ, ତିନି ଖଣ୍ଡ ଚରିତ, ତିନି ଖଣ୍ଡ ପୌରାଣିକ କାବ୍ୟ, ପାଂଚ ଖଣ୍ଡ ଦୃଶ୍ୟ ସହ ଅନେକ ଘୁମୁରା ଗୀତ, କବିତା, ସଂକୀର୍ତ୍ତନ, ଭଜନ ଆଦି କୃତି ନିର୍ଗତ ହୋଇ ଓଡ଼ିଆ ସାରସ୍ୱତ ଭଣ୍ଡାରକୁ କରିଛି ଋଦ୍ଧିମନ୍ତ । ନିଜର ସାହିତ୍ୟ କୃତି ମଧ୍ୟରେ କବି ମନୋହର ସାମାଜିକ, ପାରିବାରିକ, ଆଧ୍ୟାତ୍ମିକ, ପ୍ରେମ, ପ୍ରଣୟ, ଭକ୍ତିଭାବ, ଜାତୀୟତାଭାବ ସହ ପ୍ରକୃତି ବର୍ଣ୍ଣନାକୁ ଅଧିକ ପ୍ରାଧାନ୍ୟ ଦେଇଛନ୍ତି । ବିଶେଷ କରି ନିଷ୍କପଟ ଗ୍ରାମ୍ୟ ଜୀବନ ଏବଂ ମାଟିର ମଣିଷର ସରଳତା ଭାବ ତାଙ୍କ ସାହିତ୍ୟର ବାର୍ତ୍ତାବହ ହୋଇ ଥିବାରୁ ସେତେବେଳର ପଲ୍ଲୀ ମଣିଷଙ୍କ ମଧ୍ୟରେ ଏହା ଖୁବ ଆଦୃତ ଲାଭ କରିଥିଲା । ପୁରପଲ୍ଲୀରେ ପୂଜାପାଠ, ବିବାହ ବ୍ରତ, ପର୍ବପର୍ବାଣୀ ଆଦିରେ କବିଙ୍କ ରଚନା ସବୁଠି ଗୁଞ୍ଜରିତ ହେଉଥିଲା । ଚଷାପୁଅ ଜମିରେ ଲଙ୍ଗଳ ଯୋଖିଲା ବେଳେ ହେଉ କି ଶଗଡ଼ିଆ ଟିଏ ଖୁସି ମନରେ ମଝି ଦାଣ୍ଡରେ ଶଗଡ଼ ନେଇ ଗଲା ବେଳେ ମନୋହରଙ୍କ ରଚିତ ଚଉତିଶା ଗାଇ ଗାଇ ଉଲ୍ଲସିତ ହେଉଥିଲା ।

କବି ମନୋହରଙ୍କ ଭଳି ଜ୍ଞାନପିପାସୁ, ସରଳ ଅମାୟିକ ସାଧକ ଯେକୌଣସି ଉପାଧି, ସମ୍ବର୍ଦ୍ଧନା ପ୍ରାପ୍ତିର ଖୁବ ଉର୍ଦ୍ଧ୍ୱରେ ଥିଲେ । ତଥାପି ବିକଶିତ ପ୍ରତିଭାର ମହକରେ ଆହ୍ଲାଦିତ ଖଡ଼ିଆଳ ରାଜ ଦରବାର ତରଫରୁ ପ୍ରଥମେ ୧୯୩୪ ମସିହାରେ ମନୋହରଙ୍କୁ 'କବି' ଉପାଧିରେ ଭୂଷିତ କରାଯାଇଥିଲା। ଏହାପରେ ୧୯୪୩ରେ ସରକାରୀ ସ୍ତରରେ ମଧ୍ୟ କବିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ପରବର୍ତ୍ତୀ କାଳରେ 'ଖଡ଼ିଆଳ ସାହିତ୍ୟ ସମିତି' ସମେତ ବିଭିନ୍ନ ସାହିତ୍ୟାନୁରାଗୀ ଅନୁଷ୍ଠାନମାନଙ୍କରୁ ବିଭିନ୍ନ ସମୟରେ କବିଙ୍କୁ ଉଚ୍ଚ ପ୍ରଶଂସା କରାଯିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା ।

କବି ମନୋହର ମେହେରଙ୍କ ଭଳି ପ୍ରତିଭା ବାସ୍ତବରେ ବିରଳ । ଘଂଚ ଅରଣ୍ୟ ଘେରା ନଦୀନାଳ ପରିବେଷ୍ଟନୀ ମଧ୍ୟରେ ସଂପୂର୍ଣ୍ଣ ପ୍ରତିକୂଳ ପରିସ୍ଥିତିରେ ରହି ସ୍ୱକୀୟ ପ୍ରତିଭାକୁ ପରିସ୍ଫୁଟ କରିବା କିଛି କମ୍ ବଡ଼ କଥା ନୁହେଁ । ସୀମାନ୍ତରେ ରହି ଓଡ଼ିଆ ଭାଷାର ସୁରକ୍ଷା ଦିଗରେ ଜଣେ ସାରସ୍ୱତ ସୈନିକର କର୍ତ୍ତବ୍ୟ ନିର୍ବାହ କରିଥିବା କବିଙ୍କ ସାଧନା ବାସ୍ତବିକ ସ୍ମରଣୀୟ । ବିଶେଷ କରି ସାଧାରଣ ଲୋକଙ୍କ ଜୀବନଧାରାକୁ ପରିମାର୍ଜିତ କରି ସେମାନଙ୍କୁ ଅଜ୍ଞାନର ଅନ୍ଧକାର ମଧ୍ୟରୁ ଜ୍ଞାନର ଆଲୋକ ଆଡ଼କୁ ଅବତରଣ କରାଇବାରେ ପଲ୍ଲୀକବି ମନୋହର ମେହେରଙ୍କ ସାହିତ୍ୟ ବାସ୍ତବରେ ସମାଜ ପାଇଁ ସମର୍ପିତ ବୋଲି ନିଦ୍ୱନ୍ଦରେ ଗ୍ରହଣୀୟ ହୁଏ ।

❤ସିନାପାଲି, ନୂଆପଡ଼ା
ମୋ:୯୭୭୭୭୫୩୯୩୫

# ଭାରତୀୟ ବ୍ୟାଙ୍କ ସେବା ଓ ରିକଭରି ବ୍ୟବସ୍ଥା

## ଦେବୀ ପ୍ରସାଦ ମିଶ୍ର

ଜାତୀୟ ଅର୍ଥନୀତିରେ ବ୍ୟାଙ୍କ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି। କେବଳ ଅର୍ଥ ସଞ୍ଚୟ, ଉଠାଣ ବା ଲୋନ ଭିତରେ ନୁହେଁ ପ୍ରତିଟି ବ୍ୟକ୍ତିର ଅର୍ଥନୀତିର ଅନ୍ୟତମ ସଶକ୍ତ କ୍ଷେତ୍ର ହେଉଛି ବ୍ୟାଙ୍କ। କିନ୍ତୁ ତଥାପି ଭାରତରେ କିଛି ଏପରି ବ୍ୟାଙ୍କ ରହିଛନ୍ତି ଯେଉଁମାନେ ଅର୍ଥନୀତିକୁ ବିପର୍ଯ୍ୟୟ ମୁହାଁ କରିବା ସହ ନିଜ ଡଙ୍ଗାକୁ ନିଜେ ବୁଡ଼ାଇଥାନ୍ତି। ଭାରତୀୟ ଅର୍ଥନୀତିରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ପାଇଁ ବହୁ ଗ୍ରାହକ ବିଭିନ୍ନ ପ୍ରକାର ଅସୁବିଧାର ଦିନକୁ ଦିନ ଶିକାର ହେଉଛନ୍ତି। ତେଣୁ ଏପରି କ୍ଷେତ୍ରରେ ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ଚାହୁଛନ୍ତି ୬/୯ ବ୍ୟାଙ୍କମାନେ ସଂଯୁକ୍ତ ହୁଅନ୍ତୁ ଓ ଲୋକମାନଙ୍କର ପୂର୍ବ ପରି ଉଲ୍ଲାସ ଆସ୍ଥା ବ୍ୟାଙ୍କ ଉପରେ ରହୁ। ଭାରତରେ ଅନେକ ବ୍ୟାଙ୍କ ସରକାରୀ ସହାୟତାରେ ଆଜି ବେଶ ପ୍ରତିଷ୍ଠା ଲାଭ କରିଛନ୍ତି। ଏବଂ ଭାରତୀୟ ଅର୍ଥନୀତି ଏହାଦ୍ୱାରା ଆଗକୁ ଚାହିଁଛି। ଏହା କେନ୍ଦ୍ରର ଶ୍ରୀଯୁକ୍ତ ନରେନ୍ଦ୍ର ମୋଦିଙ୍କ ସରକାରର ଏକ ବଡ଼ ସଫଳତା କହିଲେ ଅତ୍ୟୁକ୍ତି ହେବନାହିଁ। ଭାରତରେ ଥିବା ବିଭିନ୍ନ ବ୍ୟାଙ୍କ ଭିତରୁ ଅନ୍ୟତମ ବୃହତ ରାଷ୍ଟ୍ରୀୟତା ବ୍ୟାଙ୍କ ହେଉଛି ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ। ଏହାର ଗୋଟିଏ ଶାଖା ଓଡ଼ିଶାରେ ଅଛି। କିଛି ଅସାଧୁ ଅଫିସରଙ୍କ ପାଇଁ ବ୍ୟାଙ୍କ ବଦନାମ ହୋଇ ଚାଲିଛି। କିଛି ଦିନ ପୂର୍ବରୁ ପ୍ରଧାନ ମନ୍ତ୍ରୀ ଘୋଷଣା କରିଥିଲେ ଯେ କିଛି ବ୍ୟାଙ୍କ କିଛି ବ୍ୟାଙ୍କ ସହ ମିଶିବା ପାଇଁ। କିଛି ବ୍ୟାଙ୍କ ଦେବାଳିଆ ଅବସ୍ଥାରେ ଥିଲା ତା ମଧରୁ ଓ.ବି.ସି ବା ୟୁନାଇଟେଡ ବ୍ୟାଙ୍କ ଅଫ ଇଣ୍ଡିଆର ଅବସ୍ଥା ଏହିପରି ଥିଲା। ଏହି ଦୁଇ ବ୍ୟାଙ୍କକୁ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଟେକଓଭୋର କଲା। କିନ୍ତୁ ଦୁଃଖର ବିଷୟ ଏହି କି ଯେ ସେ ଯେଉଁ ଅଫିସର ଏହି ଦୁଇ ବ୍ୟାଙ୍କକୁ ବୁଡ଼ାଇକି ଆସିଥିଲେ ଏମାନେ ଶପଥ ନେଇଛନ୍ତି କି ପଞ୍ଜାବ ନ୍ୟାସନାଲ ବ୍ୟାଙ୍କକୁ ମଧ ବୁଡାଇବେ। ଉଦାହରଣ ସ୍ୱରୂପ ଓଡ଼ିଶା ରାଜ୍ୟରେ ଏକ ମୁଖ୍ୟ କାର୍ଯ୍ୟାଳୟ ଜାଗମରାରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ରେଜିଓନାଲ ଅଫିସ ଅବସ୍ଥିତ। ତା ଭିତରେ ସର୍କଲ ଶାସ୍ତ୍ର ଡିଭିଜନର ଜଣେ ବହୁ ନାମିଦାମୀ ସୁନାମଧନ୍ୟ ଅଫିସର ପ୍ରଶାନ୍ତ କୁମାର ଶ୍ରୀଚନ୍ଦନ। ସେ ଶପଥ ନେଇଛନ୍ତି ପଞ୍ଜାବ ନ୍ୟାସନାଲ ବ୍ୟାଙ୍କକୁ ବୁଡାଇବା ପାଇଁ। ଏହି ଅଫିସରଙ୍କ ନାମରେ ଚୌଦ୍ୱାର ଥାନାରେ ଠକାମି ମାମଲା ରହିଛି। ୪୨୦ କେଶ ମନୋରଞ୍ଜନ ସିଂ ନାମକ ଏକ ବ୍ୟକ୍ତି କରିଥିଲେ। ମିଶ୍ରବାବୁ ଏବଂ ଶ୍ରୀଚନ୍ଦନ ବାବୁ ତାଙ୍କୁ ବହୁତ ଭଲ ଭଲ କଥା କହି ଠକି ଦେଇଥିଲେ।

ଶ୍ରୀଚନ୍ଦନ ବାବୁ ଭୁବନେଶ୍ୱରରେ ମରିଯାଇଥିବା ଜଣେ ବ୍ୟକ୍ତି ପ୍ରେମାନନ୍ଦ ମହାନ୍ତି ବଞ୍ଚିଥିବା ଅବସ୍ଥାରେ କୋର୍ଟ ତାଙ୍କୁ ଅର୍ଡ଼ର ଦେଇଥିଲେ ତାଙ୍କର ନିଲାମ ଟଙ୍କା ଡିପୋଜିଟ କରିବା ପାଇଁ ଏବଂ ସେ କୋର୍ଟ ଅର୍ଡ଼ରକୁ ମାନି ଟଙ୍କା ଡିପୋଜିଟ କରିଥିଲେ। ପ୍ରେମାନନ୍ଦ ମହାନ୍ତି ଟଙ୍କା ଡିପୋଜିଟ କରିଥିଲେ ମଧ ଶ୍ରୀଚନ୍ଦନ ବାବୁ ଏବଂ ମିଶ୍ରବାବୁ ଏ ଅର୍ଡ଼ର ନ ମାନି ତାଙ୍କ ଜମିକୁ ବାରମ୍ବାର ନିଲାମ କରି ଚାଲିଥିଲେ। ଶ୍ରୀଚନ୍ଦନ ବାବୁ ଏବଂ ମିଶ୍ରବାବୁଙ୍କର ଦାଦାଗିରି ଏତେ ମଜଭୁତ ଯେ ସବୁବେଳେ କୁହନ୍ତି ଆମ ଓ.ବି.ସି. ବ୍ୟାଙ୍କର ଲୋକ ଯିଏକି ବର୍ତ୍ତମାନ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ଚେୟାରମ୍ୟାନ ଏବଂ ସେ ମୋର ବହୁତ ନିକଟତର ଲୋକ। ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ହେଡ ଅଫିସରେ ବର୍ମା ବାବୁ ମୋର ଖାସ ଲୋକ ବୋଲି ଶ୍ରୀଚନ୍ଦନ ବାବୁ କହନ୍ତି। ମୁଁ ଯାହା ଚାହେଁ ବର୍ମାବାବୁ କାମ କରିଦିଅନ୍ତି। ଏବଂ ମୁଁ ମିଛ ସତ କହିଲେ ବି ବର୍ମାବାବୁ କେବେ ପଚାରନ୍ତିନି। ଏବଂ କାମ ମଧ କରିଦିଅନ୍ତି ଏବଂ ମୁଁ ଯେତେବେଳେ ଦିଲ୍ଲୀ ଯାଏ ମୁଁ ତାଙ୍କ ଘରେ ରହେ ଓ ବର୍ମାବାବୁ ଯେତେବେଳେ ଓଡ଼ିଶା ଆସନ୍ତି ମୁଁ ତାଙ୍କ ସାଙ୍ଗେ ସାଙ୍ଗେ ଥାଏ।

ଏହି ପ୍ରସଙ୍ଗରେ ସାଧାରଣରେ ପ୍ରଶ୍ନ ଉଠିବ ଯେ କର୍ତ୍ତୃପକ୍ଷଙ୍କ ପାଖରେ ନିଶ୍ଚୟ ଉଚ୍ଚ ପଦାଧିକାରୀ ଥିବେ ଯିଏ କି ଗ୍ରାହକ ଓ ବ୍ୟାଙ୍କର କୌଣସି ଦୁର୍ଦ୍ଦଶାକୁ ସାମ୍ନା କରୁଥିବା ବ୍ୟକ୍ତିଙ୍କ ଠାରୁ ଅଭିଯୋଗ ଗ୍ରହଣ କରି ସହାୟତା କରିବେ। ଏହା ସମ୍ପୂର୍ଣ୍ଣ ଠିକ କଥା, ଆସନ୍ତୁ ଭଲ ଭାବେ ଜାଣିବା ବାସ୍ତବରେ ଏହାର ଅନ୍ୟତମ ମୁଖ୍ୟ ବ୍ୟବସ୍ଥାପକଙ୍କ ଲୋକମାନଙ୍କ ପ୍ରତି ଆଚାର ବ୍ୟବହାର। ଓଡ଼ିଶାର ଯିଏ ଜୋନାଲ ଜେନେରାଲ ମ୍ୟାନେଜର ଅଛନ୍ତି ଯାହାକୁ ସମସ୍ତେ ଉଦୟ ଭାସ୍କର ରେଡ୍ଡୀ ଅଲତୁର ବୋଲି ଜାଣନ୍ତି। ସେ ମୋର ଡାହାଣ ହାତର ଲୋକ। ମୁଁ ତାଙ୍କ ପାଇଁ ସବୁ ପ୍ରକାର ସୁବିଧା ଏବଂ ଅସୁବିଧା ବୁଝେ। ସେଥିପାଇଁ ମୁଁ ତାଙ୍କର ଗେହ୍ଲାପୁଅ ପରି। ଆଜି ପର୍ଯ୍ୟନ୍ତ ଆମେ ଦୁଇ ଅଫିସର ନଅ ବର୍ଷ ହେଲାଣି ଏହି ରିକଭରି ଡିପାର୍ଟମେଣ୍ଟରେ ରହିଛୁ। ନା କେହି ଚାହିଁଲେ ଆମକୁ କିଏ ଟ୍ରାନ୍ସଫର କରିପାରୁଛି ଆଉ ନା ଆମ ଚାକିରି ଉପରେ କିଛି ଆଞ୍ଚ ଆସିବା ପାଇଁ ଦେଉଛୁ। ଶ୍ରୀଚନ୍ଦନ ବାବୁ କୁହନ୍ତି ଆପଣ ଭୁଲି ଯାଉଛନ୍ତି କି ଆପଣମାନେ ଯେତେବେଳେ ଲୋନ ନେବାକୁ ଆସନ୍ତି ବ୍ୟାଙ୍କ ମ୍ୟାନେଜର ମାନଙ୍କୁ ପକେଟ ଖର୍ଚ୍ଚ ଦେବାକୁ ପଡ଼େ। ସେହିପରି ଯେତେବେଳେ ଓ.ଟି.ଏସ୍ ହୁଏ ଆପଣମାନଙ୍କୁ ଆମକୁ ଖର୍ଚ୍ଚ ଦେବାକୁ ପଡ଼ିବ। ସେହି ଖର୍ଚ୍ଚଟି ଆମ୍ଭେମାନେ ତଳୁ ଉପର ଅଫିସର ପର୍ଯ୍ୟନ୍ତ ବାଣ୍ଟି କରି ନେଉ। ଦିଲ୍ଲୀରେ ବସିଥିବା ବର୍ମାଜୀଙ୍କୁ ଆଉ ଅନ୍ୟ ଅଫିସରକୁ ମଧ ଆମେ ଖୁସି କରାଉ। ଏହିପରି ଭାବରେ ରିକୋଭରି ନାମରେ ଗୁଣ୍ଡାରାଜ ଚଳାଉଛନ୍ତି। ତାଙ୍କୁ ବର୍ମା ବାବୁଙ୍କର ପୁରା ସମର୍ଥନ ରହିଛି। ଯାହାଦ୍ୱାରା ସେ ତାଙ୍କ ଗ୍ରାହକ ମାନଙ୍କୁ ହଇରାଣ କରିବାକୁ ଚାହାନ୍ତି ଓ କରିଛନ୍ତି ମଧ। ଯାହାଙ୍କ ନାମରେ ଏତେ ପ୍ରକାର କେଶ ଥାଇ ମଧ ସେହିଭଳି ଲୋକଙ୍କୁ ଏମିତି ଗୁରୁ ଦାୟିତ୍ୱରେ ବସାଇଛନ୍ତି। ଏହା ଅତ୍ୟ ଆଶ୍ଚର୍ଯ୍ୟଜନକ ବିଷୟ। ବ୍ୟାଙ୍କର କେତେ ଲାଭ ଓ କେତେ କ୍ଷତି ହୋଇଥିବ ତାହା ବ୍ୟାଙ୍କକୁ ଜଣା। ଶ୍ରୀଚନ୍ଦନ ବାବୁଙ୍କର ଦାଦାଗିରି ପାଇଁ କୃଷିଲୋନ ଓ.ଟି.ଏସ ହୋଇ ପାରୁନାହିଁ। ଇଣ୍ଡଷ୍ଟ୍ରିଆଲ ଲୋନ ଓ.ଟି.ଏସ୍ କରାଯାଉନାହିଁ। ଶ୍ରୀଚନ୍ଦନ ବାବୁ ତାଙ୍କ ହାତରେ ଗୋଟିଏ ଦଲାଲ ଗ୍ୟାଙ୍ଗକୁ ରଖିଛନ୍ତି। ଯେଉଁ ଦଲାଲମାନେ ଆପଣଙ୍କ ସମ୍ପତ୍ତିକୁ କମ ଦାମରେ କିଣି ଅନ୍ୟ ଲୋକଙ୍କୁ ଚଢ଼ା ଦାମରେ ବିକ୍ରି କରିଦେଉଛନ୍ତି। ଶ୍ରୀଚନ୍ଦନ ବାବୁ ଏହିପରି ବିଭିନ୍ନ ପ୍ରକାର କମ୍ପାନୀ ସହ ଜଡ଼ିତ ହୋଇ ଅଛନ୍ତି। ଯଥା ପ୍ରମାଣସ୍ୱରୂପ ରାୟପୁରର ଶ୍ରୀରାମ ଏଣ୍ଟରପ୍ରାଇଜେସର ମାଲିକ ନାମ ରାଲ୍ଲୁଆନି ବାବୁ ଓ ଶ୍ରୀଚନ୍ଦନ ବାବୁ ମିଶିକରି ବିହାରରେ ଥିବାଏକ ମଦ କମ୍ପାନୀର ଏଗାର କୋଟି ଟଙ୍କାକୁ ଦଶ ଲକ୍ଷ ଟଙ୍କା ଟଙ୍କାରେ ବିକ୍ରି କରିଦେଇଛନ୍ତି। ଏମିତି ବହୁତ ଗ୍ରାହକ ଅଛନ୍ତି ଯାହାଙ୍କ ସହିତ ଶ୍ରୀଚନ୍ଦନ ବାବୁ ଏହିପରି ଠକାମି କାମ ସବୁ କରିଛନ୍ତି। ସମସ୍ତେ ସବୁ ଜାଣିଲା ପରେ ମଧ କେହି ମୁହଁ ଖୋଲି ପାରୁନାହାଁନ୍ତି। କାରଣ ସେ ତାଙ୍କ ଅଫିସରେ ଏକ ନୂଆ କୋଠାଘରକୁ ଡାକି ଧମକ ଦିଅନ୍ତି ଓ କୁହନ୍ତି ଦେଖୁଛନ୍ତି ଆମର ଏ କୋଠାଘରେ କାମ କରୁଥିବା କେତେ କର୍ମଚାରୀ ସବୁ ଅଛନ୍ତି। ଆମ୍ଭେମାନେ ସମସ୍ତେ ମିଶିକରି ତୁମ ନାମରେ ମିଥ୍ୟା ଅଭିଯୋଗ କହିବୁ। ଆଉ ଏକ କଥା ମଧ ରହିଛି ଯାଜପୁର ରୋଡ଼ର ଲକ୍ଷ୍ମୀ ଏଣ୍ଟରପ୍ରାଇଜେସ କମ୍ପାନୀର ମାଲିକଙ୍କୁ ଡାକି କି ତାଙ୍କ ଅଫିସରେ ପନ୍ଦର ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ଏବଂ ଧମକ ମଧ ଦେଇଥିଲେ ଯେ ତମେ ଯଦି ଆମକୁ ଲାଞ୍ଚ ନ ଦେବ ତାହାହେଲେ ମୁଁ ପଟ୍ଟନାୟକ ଏବଂ ସାଲୁଜାକୁ କହିକି ବାଲେଶ୍ୱର ଥାନାରେ ତମ ନାମରେ ଏଫଆଇଆର ରଦ୍ଦ କରିବି ଏବଂ ତମ ସମ୍ପତ୍ତିକୁ ଓ.ଟି.ଏସ ନକରି କମ ଦାମରେ ବିକ୍ରି କରିଦେବି। ଯେତେବେଳେ କମ୍ପାନୀର ମାଲିକ ଏହି ଲାଞ୍ଚ ନଦେବା ପାଇଁ ବିରୋଧ କଲା ଶ୍ରୀଚନ୍ଦନ ବାବୁ ଓ ବାଲେଶ୍ୱର ଷ୍ଟାଫ ମିଶି ସେହି ସମ୍ପତ୍ତିକୁ ୯୫ ଲକ୍ଷରେ ବିକ୍ରି କରିଦେଲେ। କମ୍ପାନୀ ମାଲିକ ୧ କୋଟି ୪ ଲକ୍ଷ ଓ.ଟି.ଏସ ଅଫର ଦେଇଥିବା ଅବସ୍ଥାରେ ଏହି ବ୍ୟାଙ୍କ ଅଫିସରମାନେ ନିଜେ ଗୋଟେ ପାର୍ଟି ଠିକ କରି ସେହି ପାର୍ଟି ଠାରୁ ଲକ୍ଷାଧିକ ଟଙ୍କା କମିଶନ ନେଇ ତାକୁ ବିକ୍ରି କରିଦେଲେ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)




## ଛଳନାମୟୀ

### ପୁସ୍ତମ୍ ଯୁଆଡି



ସେ ତା ଜିଦରେ ଫୁଲସବୁକୁ
ଦଳି ମକଚି ଦେଲାପରେ
କହିଲା ଯାହା ସୁଖ ଦେଲ ସ୍ୱୀକାରୁଛି
ଦୁଃଖକୁ ବି !!

ଆଖି ଆଗରେ ନାଚୁଥିବା ସତ ସବୁକୁ
ମିଛ ବୋଲି କହିଲ
ସହିଲି,
ଯନ୍ତ୍ରଣା ଯେତେକୁ ଉପହାର ଭାବି
ସାଇତି ରଖିଲି ହୃଦୟର ନିବୁଜ
କୋଠରୀରେ !!

ସମ୍ପର୍କଟେ ଗଢିବାକୁ ଯୋଗାଡ
କରିବାକୁ ହୁଏ
କୁଟା କାଠି ଅନାବନା ସତସତିକା
କାହାଣୀ
ଭାଙ୍ଗିବାକୁ ବେଳ କିଆଁ ଲାଗେ !!

ଛଳନାମୟୀ ଗୋ !!
ତମ ବାରମ୍ବାର ନିରବତା ହିଁ
ଭଙ୍ଗିଦିଏ ହୃଦୟ !

❤ଭୁତିବାହାଲ୍,ଗାଇସିଲାଟ୍,ବରଗଡ
ମୋ:୬୩୭୧୪୧୯୩୩୪

## ଶୂନ୍ୟ ସହନ ଶୀଳତା

### କୁନା ସେଠୀ



ବ୍ୟସ୍ତ ଦୁନିଆରେ ବ୍ୟସ୍ତତା ଭିତରେ
ବ୍ୟସ୍ତ ଏ ଦେହ ମନ
ବ୍ୟସ୍ତତାରେ ରହି ଭୁଲି ଯାଉ ଆମେ
ସହନ ଶୀଳତା ଜ୍ଞାନ ।

ଅନ୍ୟ ପ୍ରତିପତି ଅନ୍ୟର ଉନ୍ନତି
ଦେଖିଲେ ଅସହ୍ୟ ମନ
ଅନ୍ୟର ପ୍ରଶଂସା କରିବା ବଦଳେ
ଗୋଡ଼ ଟାଣିବାରେ ଧ୍ୟାନ ।

କଥା କୁ ବୁଝିବା ବଦଳରେ ପରା
ହାତ ଉଠିଯାଏ ଆଗ
ହାଣିବା, ମାରିବା ଗାଳି ବି କରିବା
ଜୀବନେ ଲଗାଇ ଦାଗ ।

ନିଜଠାରୁ ବଳି ଆଉ କିଏ ଗଲେ
ଆସଇ ମନକୁ ରୋଷ
କୂଟ ନୀତି ଦେଇ ଟାଣି ଆଣୁ ତାକୁ
ଉଡାଇ ଦେଇ ତା ହୋସ ।

ସନ୍ତାନର ଭୁଲ ଦେଖିଲେ ରାଗରେ
ଉଠାଉ ଆମରି ହାତ
ଟିକିଏ ଭୁଲ କୁ ସହ୍ୟ କରିବାକୁ
ଧର୍ଯ୍ୟ ହୋଇନାହିଁ ଜାତ ।

ସେଥିପାଇଁ ଆଜି ଲାଗୁଅଛି ବାଜି
ଜୀବନ ନେବାର ପାଇଁ
ଅନ୍ୟପାଇଁ ଗାତ ଖୋଳା ହୁଏ ନିତି
ତଳକୁ ଟାଣିବା ନେଇ ।

କଥାରେ କଥାରେ କଟିଯାଏ ମୁଣ୍ଡ
ଦେହ ହୁଏ ଖଣ୍ଡ ଖଣ୍ଡ
ଶିକ୍ଷାରେ କର୍ମରେ ସହନ ଅଭାବ
ମଣିଷ ପାଇଁ ଏ ଦଣ୍ଡ ।

ସହିଲେ ରହିବା ମଣିଷ ହୋଇବା
ନ ହେଲେ ଯିବା ହେ ମରି
ଅସହ୍ୟ ଜୀବନ ନରକ ସମାନ
ବିକଳାଙ୍ଗ ରୂପ ପରି ।

❤ଭୁତସରସିଙ୍ଗି,
ପୁରୁଷୋତ୍ତମପୁର, ଗଞ୍ଜାମ

## ଅପେକ୍ଷାର ଅନ୍ତ

### ଦିପ୍ତିମୟୀ ପଣ୍ଡା



ଧୂଆଁଧାର ନିଶାର୍ଦ୍ଧରେ
ଅନ୍ଧାରି ମୂଲକର ରାଜକୁମାର
ପରସିଦିଏ ତା ରୂପେଲି କିରଣ
ଅସାର ସପନ ଭେଟିଦିଏ
ମୁଦ୍ରିତ ନୟନ
ବିଚଳିତ ହୋଇଉଠେ
ବିସ୍ତାରିତ ହୃଦସଦ୍ମ
ପଦ୍ମେ ପଦ୍ମେ ଜିଇଁଉଠେ
ନିରାଶ୍ରିତ ଜୀବନ।

ନିଦାଘ ଉଚ୍ଚ ପ୍ରାଚୀର ମଧ୍ୟେ
ଆବଦ୍ଧ ରେସ୍ତେରାଁ
ଯାହା ଥିଲା ନିଶବ୍ଦ
ଜନଗହଳି ଶୂନ୍ୟ
ଅତି ନିମ୍ନରୁ ସର୍ବାଗ୍ର କକ୍ଷ ଯାଏଁ
ଶୁଣା ଯାଉଥିଲା
କେବଳ ଆଉ କେବଳ
ପବନର କଲ୍ଲୋଳ
ସେଇ ସ୍ୱର ମୂର୍ଚ୍ଛନାରେ
ପ୍ରେମର ବୀଣା ବଜାଇ
ନୃତ୍ୟରତ
ଚିର ବିରହ ମାଗିଥିବା
ଅମିତ୍ୟ ନୃତ୍ୟଶିଳ୍ପୀ।

ଦୀର୍ଘ ଅପେକ୍ଷାର ଆଜି ଅବସାନ
ମନପକ୍ଷୀ ଆଜି ଉଡିବ
ଡେଣା ଛାଟି
ଉର୍ଦ୍ଧ୍ୱରୁ ଉର୍ଦ୍ଧ୍ୱତର
କ୍ଷିପ୍ରରୁ କ୍ଷିପ୍ରତର
ଗଢିବାକୁ ଅସାର ପ୍ରେମର
ଯନ୍ତାଘର।

❤ଶିକ୍ଷୟତ୍ରୀ
ଦେଓଗାଁ, ବରଗଡ଼

## କିଏ ସେ ତୁମେ ସ୍ୱପ୍ନରେ

### ଚନ୍ଦ୍ର ମୋହନ ମେହେର

କିଏ ସେ ତୁମେ ?
ନିତି ସ୍ୱପ୍ନରେ ଆସି
ମୋର ମନକୁ ଚୋରୀ କରୁଛ
ସାଧା କାଗଜ ପରି ଥିବା ହୃଦୟଟିକୁ
ଲେଖିଦେଇ ଚାଲି ଯାଉଛ
ପ୍ରେମର ଭାଷା ।
କିଏ ସେ ତୁମେ
ରଙ୍ଗିନ କରୁଛ ସବୁ ରାତ୍ରିକୁ
ସେ ରୂପ, ସେ ଯୌବନ,
ସେ ଆଖି, ସେ ଓଠ
ମୋତେ ବାରମ୍ବାର ଅନ୍ୟ ମନସ୍କ କରେ
କାହିଁ ଏତେ ନିଜର ଲାଗେ ତୁମେ
ତୁମେ ବାସ୍ତବରେ ଅଛ ନା
ମୋ ସହିତ ପ୍ରେମର ଲୁଚକାଳି ଖେଳୁଛ
କିଏ ସେ ତୁମେ ?
କାହିଁକି ମୋ ମନ ବାରମ୍ବାର ମୋତେ
ପ୍ରଶ୍ନ କରୁଛି
କୋଉଠୁ ତୁମେ ଆସୁଛ
ମୋର ସାଧା କାଗଜ ପରି ଥିବା
ମନକୁ
ଲେଖି ଦେଇ ଚାଲିଯାଉଛ
କିଏ ସେ ତୁମେ ?

❤+୩ ଉଦ୍ଭିଦ ବିଜ୍ଞାନ ଶେଷ ବର୍ଷ
ଛାତ୍ର

# ମହିଳା ମାନେ ପାଦରେ କାହିଁକି ଲାଗନ୍ତି ଅଳତା ?

ନୂଆଦିଲ୍ଲୀ :ହିନ୍ଦୁ ପରମ୍ପରାରେ ପାଦରେ ଅଳତା ପିନ୍ଧିବା ବିଶେଷ ଗୁରୁତ୍ୱ ବହନ କରିଥାଏ । ସେ ଶୁଭ କାର୍ଯ୍ୟ ହେଉ ଅବା ପର୍ବ ସମୟରେ ମହିଳାମାନେ ପ୍ରାୟତଃ ସେମାନଙ୍କ ପାଦରେ ଅଳତା ପିନ୍ଧନ୍ତି । ଏହା ନୁହେଁ ଯେ ଅଳତାକେବଳ ପାଦ କିମ୍ବା ହାତର ସୌନ୍ଦର୍ଯ୍ୟକୁ ବଢ଼ାଇଥାଏ, ଏହା ସ୍ୱାସ୍ଥ୍ୟ ପାଇଁ ଅନେକ ଲାଭ ମଧ୍ୟ ଦେଇଥାଏ ।
ଏହା ସୁହାଗର ଏକ ଚିହ୍ନ ଭାବରେ ବିବେଚନା କରାଯାଏ । ଆପଣ ଜାଣନ୍ତି କି ଏହି ଅଳତା ହେନା ପରି ଆପଣଙ୍କ ପାଦକୁ ଥଣ୍ଡା ଦେଇଥାଏ । ବୈଜ୍ଞାନିକମାନେ ମଧ୍ୟ ଏହି ତଥ୍ୟ ଗ୍ରହଣ କରିଛନ୍ତି । ସେମାନେ କହିଛନ୍ତି ଯେ ଅଳତା ପ୍ରୟୋଗ କରିବା ଦ୍ୱାରା ଚାପ କମିଯାଏ । ପ୍ରାକୃତିକ ଭାବରେ ପ୍ରସ୍ତୁତ ଅଳତା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ଅଟେ । ଅନେକ ରାଜ୍ୟରେ ପୂଜାପାଠ କିମ୍ବା ଶୁଭ କାର୍ଯ୍ୟରେ ଏହାକୁ ପ୍ରୟୋଗ କରିବାର ଧାରା ଅଛି ।



**ଅଳତା ଆଉ ଇତିହାସ :**

ଅଳତା ବିଷୟରେ ଏକ ପ୍ରସିଦ୍ଧ କଥା ଅଛି, ଯେଉଁଥିରେ କୁହାଯାଏ ଯେ ପୁରାତନ କାଳରେ, ଯେତେବେଳେ ସୁନ୍ଦର ମହିଳାମାନେ ପାଦରେ ଅଳତା ଲଗେଇ ଅଶୋକା ଗଛ ନିକଟରେ ବୁଲୁଥିଲେ, ସେତେବେଳେ ଫୁଲ କଢ଼ ଫୁଟିଯାଉଥିଲା , ଯାହାକି ବସନ୍ତର ସଙ୍କେତ ବୋଲି ବିବେଚନା କରାଯାଉଥିଲା । ବିବାହିତ ମହିଳାମାନେ ନିଶ୍ଚିତ ଭାବରେ ଏହାକୁ କିଛି ପୂଜା ହେଉନା କାହିଁକି ପ୍ରୟୋଗ କରନ୍ତି । ଆଜି ବି ଅନେକ ରାଜ୍ୟରେ, ବିଶେଷକରି ବିହାର, ବଙ୍ଗଳା ଏବଂ ଓଡିଶାରେ ଅଳତା ବିନା ଶୃଙ୍ଗାର ଅସମ୍ପୂର୍ଣ୍ଣ ବୋଲି ବିବେଚନା କରାଯାଏ । ଏହା ସହିତ ଅଳତାକୁ ହାତରେ ମଧ୍ୟ ପ୍ରୟୋଗ କରାଯାଏ ।



# ଅନ୍ତରୀକ୍ଷ ବିଷୟରେ ରୋଚକ ତଥ୍ୟ



ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଅନ୍ତରୀକ୍ଷରେ ପାଣିର ବିଶାଳ ଭଣ୍ଡାର ଭାସମାନ ଅବସ୍ଥାରେ ଅଛି ଯାହା କି ପୃଥିବୀରେ ଥିବା ସମସ୍ତ ସମୁଦ୍ରରେ ପାଣି ଠାରୁ ଲକ୍ଷ୍ୟାଧିକ ଗୁଣ ଅଧିକ । ଅନ୍ତରୀକ୍ଷକୁ ଯାଉଥିବା ଯାତ୍ରୀଙ୍କର ଗୋଟିଏ ସ୍ପେସ୍ ସୁଟ୍ ତିଆରି କରିବାକୁ ଭାରତୀୟ ମୁଦ୍ରାରେ ଏକ କୋଟି କୋଡ଼ିଏ ଲକ୍ଷ ଟଙ୍କା ଦରକାର ହୁଏ । ଅନ୍ତରୀକ୍ଷ ଯାତ୍ରୀଙ୍କ ଅନୁସାରେ ସ୍ପେସରେ ୱେଲଡିଙ୍ଗର ଧୂଆଁ ଓ ଗରମ ଧାତୁ ପରି ବାସ୍ନା ଥାଏ । ସ୍ପେସରେ ପ୍ରଥମ ସେଲଫି ୧୯୬୬ରେ ବନ୍ ଏଲଡ୍ରିନଙ୍କ ଦ୍ୱାରା ନିଆଯାଇଥିଲା ଏହାର ଦାମ ୬ଲକ୍ଷ ଟଙ୍କା । ଏମାନଙ୍କ ମତରେ ସେଠାରେ ଦିନରେ ପନ୍ଦର ଥର ସୂର୍ଯ୍ୟ ଉଦୟ ହୁଅନ୍ତି ଓ ଅସ୍ତ ଯାଆନ୍ତି । ଅଧିକାଂଶ ଅନ୍ତରୀକ୍ଷ ଯାତ୍ରୀ ଅନ୍ତରୀକ୍ଷକୁ ଯାଇ ଦୁଇ ଇଞ୍ଚ ଲମ୍ବା ହୋଇଯାନ୍ତି । ଆପଣ ଅନ୍ତରୀକ୍ଷରେ କାନ୍ଦି ପାରିବେ ନାହିଁ କାରଣ ସେଠାରେ ଲୁହ ବାହାରେ ନାହିଁ । ଶନିଗ୍ରହଙ୍କ ଚାରିପଟେ ଦେଖାଯାଉଥିବା ବଳୟ ବରଫ, ଧୂଳି ଓ ପଥର ମିଶି ହୋଇଛି । କାରଣ ସେଠାରେ ସୂର୍ଯ୍ୟ ଧଳାରଙ୍ଗର ଦେଖାଯାଆନ୍ତି । ଅନ୍ତରୀକ୍ଷରେ ଯାତ୍ରୀମାନଙ୍କୁ ବହୁତ ସଂଘର୍ଷ କରିବାକୁ ପଡ଼େ । ସେମାନଙ୍କୁ ଆଖିରେ ପଟି ବାନ୍ଧି ଗୋଟିଏ ବଙ୍କରେ ଶୋଇବାକୁ ପଡ଼େ କାରଣ ପହଁରିବା ବା ଏପଟ ସେପଟ ହୋଇ ବାଡ଼େଇ ହେବାର ସମ୍ଭାବନା ଥାଏ । ଆମେରିକାର ଅନ୍ତରୀକ୍ଷ ଯାତ୍ରୀମାନେ ଅନ୍ତରୀକ୍ଷରୁ ନିର୍ବାଚନରେ ସେମାନଙ୍କର ଭୋଟ୍ ଦେଇପାରନ୍ତି । ସେଠାରେ ରହିବା ବେଳେ ଏହି ଯାତ୍ରୀମାନଙ୍କର ନଖ ଛୋଟ ହୋଇଯାଏ । ପୃଥିବୀରୁ ଆକାଶ ନୀଳ ରଙ୍ଗ ଦେଖାଯାଏ କିନ୍ତୁ ସେଠାରେ ସେମାନଙ୍କୁ ଆକାଶ କଳା ରଙ୍ଗର ଦେଖାଯାଏ ।



# ୬ ଏପ୍ରିଲରୁ ସୃଷ୍ଟି ହେଉଛି ବହୁତ ଶୁଭ ମାଲ୍ୟ ଯୋଗ: ଏହି ରାଶିର ଲୋକଙ୍କ ଉପରେ ହେବ ଧନବର୍ଷା

ଶୁକ୍ର ଗ୍ରହ ଶାରୀରିକ ସୁଖ, ଧନ, ପ୍ରେମ, ରୋମାନ୍ସ, ସୌନ୍ଦର୍ଯ୍ୟ, ଆକର୍ଷଣ ଏବଂ ଖ୍ୟାତି ପ୍ରଦାନ କରିଥାନ୍ତି । ସେଥିପାଇଁ ଏହି ସବୁ ଜିନିଷ ପାଇବା ପାଇଁ ରାଶିରେ ଶୁକ୍ରଙ୍କର ଏକ ଭଲ ସ୍ଥିତି ରହିବା ଆବଶ୍ୟକ । ଏହା ସହିତ ସମୟ ସମୟରେ ହେଉଥିବା ଶୁକ୍ରର ରାଶି ପରିବର୍ତ୍ତନ ହୋଇଥାଏ, ଯାହାର ପ୍ରଭାବ ସମସ୍ତ ୧୨ଟି ରାଶି ଉପରେ ପଡିଥାଏ । ୬ ଏପ୍ରିଲ ୨୦୨୩ ରେ ଶୁକ୍ର ଏହାର ରାଶି ଚିହ୍ନ ପରିବର୍ତ୍ତନ କରି ବୃଷ ରାଶିରେ ପ୍ରବେଶ କରିବାକୁ ଯାଉଛନ୍ତି । ନିଜସ୍ୱ ରାଶି ଚିହ୍ନରେ ଶୁକ୍ରଙ୍କ ପ୍ରବେଶ ମାଲ୍ୟା ରାଜଯୋଗ ଯୋଗ ସୃଷ୍ଟି କରିବ । ମାଲ୍ୟା ଯୋଗ ୩ ଟି ରାଶିର ଲୋକଙ୍କୁ ବହୁତ ଶୁଭ ଫଳ ଦେବ ।

ମେଷ: ଶୁକ୍ରଙ୍କ ଗମନାଗମନ ଦ୍ୱାରା ଗଠିତ ମାଲ୍ୟା ରାଜ ଯୋଗ ମେଷ ରାଶିର ଲୋକଙ୍କୁ ଲାଭ ଦେବ । ଯେକୌଣସି ସ୍ଥାନରୁ ବହୁତ ଟଙ୍କା ମିଳିପାରିବ । ଯେକୌଣସି ଇଚ୍ଛା ପୂରଣ ହୋଇପାରିବ । ବଡ ନିଷ୍ପତ୍ତି ନେବାକୁ ସକ୍ଷମ ହେବେ । କ୍ୟାରିୟରରେ ଆଗକୁ ବଢ଼ିବେ । ଆପଣ ଟଙ୍କା ସଞ୍ଚୟ କରିବାରେ ମଧ୍ୟ ସଫଳ ହେବେ ।

କର୍କଟ: ଶୁକ୍ରଙ୍କ ଗମନାଗମନ କର୍କଟ ରାଶିର ଲୋକଙ୍କୁ ଅନେକ ଉପାୟରେ ଲାଭ ଦେବ । କୌଣସି ଇଚ୍ଛା ପୂରଣ ହେଲେ ଖୁସି ଅନୁଭବ କରିବେ । ଆପଣ ଏକ ନୂଆ ଘର-କାର କିମ୍ବା ଅନ୍ୟ କୌଣସି ମୂଲ୍ୟବାନ ଜିନିଷ କିଣି ପାରିବେ । ପରିବାରରେ ଶୁଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇପାରେ । କ୍ୟାରିୟରରେ ପଦୋନ୍ନତି, ବେତନ ବୃଦ୍ଧି ହେବାର ପ୍ରବଳ ସମ୍ଭାବନା ରହିଛି । ବ୍ୟବସାୟରେ ଲାଭ ହେବ ।



ସିଂହ: ସିଂହ ରାଶିର ଲୋକଙ୍କ ପାଇଁ ଶୁକ୍ରଙ୍କ ଗମନାଗମନ କ୍ୟାରିୟର ଉନ୍ନତି ଏବଂ ମୁଦ୍ରା ଲାଭର ଏକ ପ୍ରବଳ ଯୋଗ ସୃଷ୍ଟି କରିବ । ଏହି ଲୋକମାନଙ୍କର ଆୟ ବୃଦ୍ଧି ପାଇପାରେ । ଯେକୌଣସି ସ୍ଥାନରୁ ଟଙ୍କା ମିଳିପାରିବ । ଚାକିରି ବଦଳାଇ ପାରନ୍ତି । ବ୍ୟବସାୟରେ ନୂଆ କାର୍ଯ୍ୟ ଆରମ୍ଭ ହୋଇପାରେ । ଆପଣ କିଛି ଭଲ ସୁଯୋଗ ପାଇବେ ଯାହା ଲାଭଦାୟକ ପ୍ରମାଣିତ ହେବ ।

# ପ୍ରାଚୀନ ସଭ୍ୟତାର ସ୍ମାରକୀ: ବିକ୍ରମଖୋଲ



ରାଜ୍ୟର ପର୍ଯ୍ୟଟନ ଇତିହାସରେ ଏକ ପରିଚିତ ନାମ 'ବିକ୍ରମଖୋଲ' । ଏଠାରୁ ଆବିଷ୍କୃତ ଶିଳାଲିପି ଐତିହାସିକ, ଗବେଷକଙ୍କୁ ଆକର୍ଷିତ କରୁଥିବା ବେଳେ ବିକ୍ରମ ପାହାଡ଼ ଓ ଗୁମ୍ଫାର ପ୍ରାକୃତିକ ମନୋରମ ଦୃଶ୍ୟ ପର୍ଯ୍ୟଟନ କେନ୍ଦ୍ରର ବିଶେଷତ୍ୱକୁ ବୃଦ୍ଧି କରୁଛି । ଝାରସୁଗୁଡ଼ା ଜିଲ୍ଲାର ବେଲପାହାଡ଼ ସହରଠାରୁ ମାତ୍ର ୧୨ କିଲୋମିଟର ଦୂରେ ଅବସ୍ଥିତ ବିକ୍ରମ ପାହାଡ଼ । ପାହାଡ଼ର ଏକ ଗୁମ୍ଫାରେ ଖୋଦିତ ପ୍ରାଚୀନ ଶିଳାଲିପି ସର୍ବପ୍ରଥମେ ୧୯୨୪ ମସିହାରେ ଆବିଷ୍କୃତ ହୋଇଥିଲା । ପରେ ୧୯୭୨ମସିହାରେ ପ୍ରଖ୍ୟାତ ଭାରତୀୟ ଲିପିତତ୍ତ୍ୱବିତ୍ ଗବେଷକ କେ.ପି ଜୟଶ୍ୱାଲ ଏହାକୁ ଲୋକଲୋଚନକୁ ଆଣିବାରେ ପ୍ରୟାସ କରିଥିଲେ ।



- ପ୍ରସ୍ତର ଦେହରେ ଖୋଦିତ ଏହି ଲିପି କେଉଁ କାଳରୁ, ତାହା ଏଯାଏଁ ସ୍ୱଷ୍ଟ ହୋଇନଥିଲେ ହେଁ ଏହା ସିନ୍ଧୁ ସଭ୍ୟତାକାଳୀନ ଲିପି ଏବଂ ପରିବର୍ତ୍ତୀ କାଳରେ ବିକଶିତ ବ୍ରାହ୍ମୀଲିପିର ମଧ୍ୟବର୍ତ୍ତୀ ଯୁଗର ବୋଲି ବିଶ୍ୱାସ କରାଯାଏ । ବେଲପାହାଡ଼ଠାରୁ ଲଖନପୁର ପର୍ଯ୍ୟନ୍ତ ଲମ୍ବିଥିବା ବିକ୍ରମ ପାହାଡ଼ର ମଧ୍ୟବର୍ତ୍ତୀ ସ୍ଥଳରୁ ସୃଷ୍ଟି ହୋଇଥିବା ଶାଖା ପାହାଡ଼ରୁ ବହିଯାଉଛି ଆମ୍ବଝରଣା ନାମକ ଏକ ସୌନ୍ଦର୍ଯ୍ୟଭରା ଝରଣା । ବିକ୍ରମଖୋଲ ଗୁମ୍ଫାର ଦୈର୍ଘ୍ୟ ପ୍ରାୟ ୧୧୫ ମିଟର ଓ ପ୍ରସ୍ଥ ୨୮ ଫୁଟ୍ । ଗୁମ୍ଫା ଦେହରେ ଖୋଦିତ ଶିଳାଲିପି ବ୍ୟତୀତ ରହିଛି ବନ୍ୟଜନ୍ତୁଙ୍କ ଅସ୍ୱଷ୍ଟ ଚିତ୍ର ।
- ଗୁମ୍ଫାର ଶୀର୍ଷରେ ପ୍ରାୟ ୮ଫୁଟ ଓସାର ଓ ୩୫ଫୁଟ ଲମ୍ବର ବିସ୍ତୃତ ପ୍ରସ୍ତର ଖଣ୍ଡେ ରହିଛି । ଏହା ଗୁମ୍ଫାର ଛାତ ସଦୃଶ ଦୃଶ୍ୟମାନ ହୋଇଥାଏ । ଗୁମ୍ଫାର ଏହି ପ୍ରାକୃତିକ ଛାତ ତଳେ ସେ ସମୟରେ ଲୋକମାନେ ବାସପୋଯୋଗୀ ସୁରକ୍ଷା ପାଉଥିବା ଅନୁମାନ କରାଯାଏ । ଗୁମ୍ଫାର ପ୍ରସ୍ତର ଚଟାଣ ଶଯ୍ୟାରେ ରହିଥିବା କେତେକ ବର୍ଗାକାର ଗର୍ତ୍ତ ଖାଦ୍ୟଶସ୍ୟ ରଖିବା, କୁଟିବା ଆଦିରେ ବ୍ୟବହୃତ ହେଉଥିବା ବିଶ୍ୱାସ କରାଯାଏ ।
- ବିକ୍ରମଖୋଲ ଗୁମ୍ଫାର ଅନତି ଦୂରରେ ମହେଶ୍ୱର ପାହାଡ଼ରେ 'ଉଷାକୁଟୀ' ନାମକ ପର୍ବତ୍ୟ ଗୁମ୍ଫା ରହିଛି । ଯେଉଁଥିରେ କେତେକ




ପ୍ରାଚୀନ ଶିଳାଲିପି ଓ ଅସ୍ୱଷ୍ଟ ଚିତ୍ର ଦୃଶ୍ୟମାନ । ଏହାକୁ ଲାଗି ଉଲାପଗଡ଼ ପ୍ରାଚୀନ ଦୁର୍ଗର ଭଗ୍ନାବଶେଷ ରହିଛି । ମାଲିକଗୁଣ୍ଡା, ଚିତରାଖୋଲ ପ୍ରଭୃତ ଗୁମ୍ଫା ଗୁଡିକରେ ବନ୍ୟଜନ୍ତୁଙ୍କ ଚିତ୍ର ଦେଖିବାକୁ ମିଳେ ।
- ଝାରସୁଗୁଡ଼ା ଜିଲ୍ଲାର ଏହି ବଣପର୍ବତ ଘେରା ଦୁର୍ଗମ ଅଞ୍ଚଳରେ ଅତୀତର କୃଷି କର୍ମ, ପଶୁ ଶିକାର ସହ ଯୁଦ୍ଧ ବିଦ୍ୟାରେ ପାରଙ୍ଗମ ଏକ ସମୃଦ୍ଧ ମଣିଷ ସମାଜ ବସବାସ କରି ରହିଥିବା ଏଠାରୁ ଆବିଷ୍କୃତ ଶିଳାଲିପି ଓ ଚିତ୍ରରୁ ସୁସ୍ୱଷ୍ଟ । ଏକ ସ୍ୱତନ୍ତ୍ର ଭାଷା ଓ ଲିପି ସେ ସମୟରେ ବ୍ୟବହୃତ ହେଉଥିଲା, ଯାହାକି ବର୍ତ୍ତମାନ ସୁଦ୍ଧା ଐତିହାସିକ ଓ ଗବେଷକମାନେ କେଉଁ କାଳର ତାହା ସ୍ୱଷ୍ଟ କରି ନାହାନ୍ତି ।
- ଐତିହାସିକ ସ୍ୱାକ୍ଷର ବହନ କରି ଆସୁଥିବା ଏହି ବିକ୍ରମଖୋଲ ଗୁମ୍ଫା ୧୯୫୮ ମସିହାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଜାତୀୟସ୍ତରରେ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ଲାଭ କରିଛି ।

# ଘିଅରୁ ଉଜ୍ଜ୍ୱଳ ହେବ ତ୍ୱଚା : ଜାଣନ୍ତୁ ଏହାକୁ ବ୍ୟବହାର କରିବାର ଉପାୟ

ଏକ ଚାମଚ ଘିଅକୁ ରୁଟିରେ ଲଗାଇବା ଦ୍ୱାରା ଏହାର ସ୍ୱାଦ ବହୁଗୁଣିତ ହୁଏ । ଏହା ତରକାରି ତିଆରି ପାଇଁ ଏବଂ ପ୍ରସ୍ତୁତି ପରେ ଡାଲି କିମ୍ବା ଶାଗ ଉପରେ ସଜାଇବା ପାଇଁ ମଧ୍ୟ ବ୍ୟବହୃତ ହୁଏ । ଅନେକ ଲୋକ କେଶରେ ମଧ୍ୟ ଘିଅ ଲଗାନ୍ତି ଯାହା ଦ୍ୱାରା କେଶ ମୋଟା ଏବଂ ନରମ ହୋଇଯାଏ । କିନ୍ତୁ, ଆପଣ ଜାଣନ୍ତି କି ଘିଅ ମଧ୍ୟ ଚେହେରାରେ ପ୍ରୟୋଗ କରାଯାଏ । ଘିଅ ପୁଷ୍ଟିକର ହୋଇଥାଏ ତେଣୁ ଏହା ତ୍ୱଚାକୁ କୋମଳ କରିଥାଏ ଏବଂ ଅପରିଷ୍କାରତାକୁ ମଧ୍ୟ ଦୂର କରିଥାଏ ଯେଉଁଥିରେ ଦାଗ, ପିମ୍ପଲ୍ ଏବଂ ଡାର୍କ ସର୍କଲ୍ ଇତ୍ୟାଦି ସାମିଲ ଥାଏ । ଘିଅ ଭିଟାମିନ୍ ଏ, ଡି, ଇ ଏବଂ କେ ରେ ଭରପୂର ହୋଇଥାଏ । ଏଥିରେ ଭଲ ପରିମାଣର ଓମେଗା-୩ ଫ୍ୟାଟି ଏସିଡ୍ ମଧ୍ୟ ମିଳିଥାଏ । ମୁହଁରେ ଘିଅକୁ କିପରି ପ୍ରୟୋଗ କରାଯାଇପାରିବ ଜାଣନ୍ତୁ ।

ମୁହଁରେ ଘିଅ ପ୍ରୟୋଗ କରିବାର ଲାଭ ।

ଘିଅରେ ଆଣ୍ଟି-ଅକ୍ସିଡାଣ୍ଟ ମଧ୍ୟ ମିଳିଥାଏ । ଏହା ଚର୍ମ ଉପରେ ଚମତ୍କାର ଭଳି ପ୍ରଭାବ ଦେଖାଏ । ବିଶେଷକରି ଘିଅ ଚମକୁଥିବା ଚର୍ମ ପାଇବା ପାଇଁ ବ୍ୟବହାର କରାଯାଇପାରେ ।

ଭିଟାମିନରେ ଭରପୂର ଘିଅ ଏହାର ଆଣ୍ଟି-ବାର୍ଦ୍ଧକ୍ୟ ଗୁଣ ଯୋଗୁଁ ମୁହଁରେ ଆସୁଥିବା କୁଞ୍ଚକୁ ହ୍ରାସ କରିବାରେ ପ୍ରଭାବଶାଳୀ ହୋଇଥାଏ । ଏହାଦ୍ୱାରା ଚର୍ମ ସତେଜ ମଧ୍ୟ ହୋଇଥାଏ ।

ମୁହଁରେ କୁଣ୍ଡେଇ ହେଉଥିଲେ ମଧ୍ୟ ଘିଅ ପ୍ରୟୋଗ କରିବା ଲାଭଦାୟକ ହୋଇଥାଏ ।

ଶୁଖିଲା ଚର୍ମକୁ ଆର୍ଦ୍ରତା ଦେବାରେ ଘିଅର ପ୍ରଭାବ ମଧ୍ୟ ଦେଖାଯାଏ ।

ଯଦି ଓଠରେ ଘିଅ ପ୍ରୟୋଗ କରାଯାଏ, ତେବେ ସେମାନଙ୍କର କଟିବା ଏବଂ ଛିଣ୍ଡିବା ସମସ୍ୟା ଦୂର ହୋଇଯାଏ ।

ଆଖି ତଳେ ଡାର୍କ ସର୍କଲ ହଟାଇବା ପାଇଁ ପ୍ରତିଦିନ ରାତିରେ ଘିଅ ପ୍ରୟୋଗ କରାଯାଇପାରେ ।

ବ୍ରଣ ଦୂର କରିବାରେ ଘିଅ ମଧ୍ୟ ସାହାଯ୍ୟ କରିଥାଏ ।

ଘିଅ ଏବଂ ବେସନ

ପିଗମେଣ୍ଟେସନ୍ ପାଇଁ ୨ ଚାମଚ ଘିଅ ନିଅନ୍ତୁ । ଗୋଟିଏ ଚାମଚ ବେସନରେ ଏକ ଚାମଚ ହଳଦୀ ଏବଂ ସେଥିରେ ଅଳ୍ପ ବୁନ୍ଦା ଲେମ୍ବୁ ରସ ମିଶାନ୍ତୁ । ଏହାକୁ ୧୫ ମିନିଟ୍ ପର୍ଯ୍ୟନ୍ତ ମୁହଁରେ ରଖିବା ପରେ ଏହି ଫେସ୍ ପ୍ୟାକ୍ ଧୋଇ ଦିଅନ୍ତୁ ।

ଘିଅ ଏବଂ କେଶର

ମୁହଁରେ ଥିବା କୁଞ୍ଚିକୁ ହ୍ରାସ କରିବା ଏବଂ ଘିଅର ଆଣ୍ଟି-ଏଜିଙ୍ଗ୍ ଗୁଣ ପାଇବା ପାଇଁ ଘିଅ ସହିତ କେଶର ମିଶାଇ ମୁହଁରେ ଲଗାନ୍ତୁ । ଗୋଟିଏ କିମ୍ବା ଦୁଇ ଚାମଚ ଘିଅ ନିଅନ୍ତୁ ଏବଂ ସେଥିରେ ୩-୪ ଟି କେଶର ଗୁଣ୍ଡ ମିଶାନ୍ତୁ । ଏହାକୁ କିଛି ସମୟ ପାଇଁ ଛାଡିଦିଅନ୍ତୁ ଏବଂ ତା'ପରେ ୨୦ ମିନିଟ୍ ପାଇଁ ମୁହଁରେ ଲଗାନ୍ତୁ ।

ଘିଅ ଏବଂ ହଳଦୀ

ଏହି ଫେସ୍ ପ୍ୟାକ୍ ଟ୍ୟାନିଂ ଏବଂ ଦାଗ ହଟାଇବା ପାଇଁ ପ୍ରୟୋଗ କରାଯାଇପାରେ । ଆବଶ୍ୟକତା ଅନୁଯାୟୀ ଏକ ପାତ୍ରରେ ଘିଅ ଏବଂ ଅଧା ଚାମଚ ହଳଦୀ ନିଅନ୍ତୁ । ଏହି ମିଶ୍ରଣକୁ ଭଲ ଭାବରେ ମିଶାନ୍ତୁ ଏବଂ ଏହାକୁ ୧୦ ରୁ ୧୫ ମିନିଟ୍ ପର୍ଯ୍ୟନ୍ତ ମୁହଁରେ ରଖନ୍ତୁ ଏବଂ ପରେ ଧୋଇ ଦିଅନ୍ତୁ । ଚେହେରା ଉଜ୍ଜ୍ୱଳ ହେବ ।



# ୪ ବର୍ଷରେ ଓଡ଼ିଶାକୁ ୪,୫୫,୦୦୦ କୋଟିର ନିବେଶ : ଲକ୍ଷେ ନିଯୁକ୍ତି ସୃଷ୍ଟି



ଭୁବନେଶ୍ୱର , ୨୮/୦୩ (ନି.ପ୍ର): ପୁଞ୍ଜିନିବେଶ ଆକୃଷ୍ଟ କରିବାର ପସନ୍ଦ ରାଜ୍ୟରେ ପରିଣତ ହୋଇଛି ଓଡ଼ିଶା। ଗତ ଚାରିଟି ଆର୍ଥିକ ବର୍ଷରେ ରାଜ୍ୟକୁ ୪,୫୫,୦୦୦ କୋଟି ଟଙ୍କାର ପୁଞ୍ଜିନିବେଶ ଆସିଛି। ଏଥି ସହିତ ଏକ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଏମ୍ଏସ୍ଏମ୍ଇ ରପ୍ତାନି ପ୍ରସାର ପରିଷଦ ଓ ଅର୍ଗାନିକ୍ ଖାଦ୍ୟ ଉତ୍ପାଦନକାରୀ ଓ ମାର୍କେଟିଂ ଏଜେନ୍ସିଙ୍କ ମହାସଂଘ ପକ୍ଷରୁ ମିଳିତ ଭାବେ କରାଯାଇଥିବା ଏକ ସର୍ବେକ୍ଷଣରୁ ଏହା ଜଣାପଡ଼ିଛି। ୨୦୧୮-୧୯ରୁ ୨୦୨୧-୨୨ ମଧ୍ୟରେ ଏହି ପୁଞ୍ଜିନିବେଶ ଓଡ଼ିଶାକୁ ଆସିଛି।

ଏମ୍ଏସ୍ଏମ୍ଇ ରପ୍ତାନି ପ୍ରସାର ପରିଷଦର ଅଧ୍ୟକ୍ଷ ଡି ଏସ୍ ରାଓ୍ୱତ୍ କହିଛନ୍ତି ଯେ ଆଲୋଚ୍ୟ ଚାରି ଆର୍ଥିକ ବର୍ଷ ମଧ୍ୟରେ ୧,୨୬,୫୨୯.୫୩ କୋଟି ଟଙ୍କାରେ ବିନିଯୋଗରେ ନିର୍ମାଣ କରାଯାଇଥିବା ପ୍ରକଳ୍ପର କାର୍ଯ୍ୟ ଶେଷ ହୋଇଛି। ଅନ୍ୟ ପୁଞ୍ଜିନିବେଶ ପ୍ରକଳ୍ପଗୁଡ଼ିକର କାର୍ଯ୍ୟରେ ଉଲ୍ଲେଖନୀୟ ଅଗ୍ରଗତି ମଧ୍ୟ ହୋଇଛି। ସେଣ୍ଟର ଫର ମନିଟରିଂ ଇଣ୍ଡିଆନ୍ ଇକୋନମି (ସିଏମ୍ଆଇଇ) ତଥ୍ୟ ଆଧାରରେ ଏହି ସର୍ବେକ୍ଷଣ ରିପୋର୍ଟ ପ୍ରସ୍ତୁତ କରାଯାଇଛି। କରୋନା ମହାମାରୀ ଦ୍ୱାରା ପ୍ରଭାବିତ ହୋଇଥିବା ବର୍ଷ ୨୦୨୦-୨୧ରେ ଓଡ଼ିଶା ୧,୧୨,୧୧୮.୪୬ କୋଟି ଟଙ୍କା ନିବେଶ ହାସଲ କରିଥିଲା। ୨୦୨୧-୨୨ରେ ୧,୧୨,୩୨୯.୦୪ କୋଟି ଟଙ୍କାର ପୁଞ୍ଜିନିବେଶ ଆସିଥିଲା। ୨୦୨୦-୨୧ ସୁଦ୍ଧା ବକେୟା ନିବେଶ ପ୍ରକଳ୍ପ ପରିମାଣ ୧୬,୪୩,୯୯୪.୪୫ କୋଟି ଟଙ୍କା ଥିଲା ଯାହା ୨୦୨୧-୨୨ ସୁଦ୍ଧା ୧୭,୬୫,୮୩୧.୭୭ କୋଟି ଟଙ୍କାକୁ ବୃଦ୍ଧି ପାଇଛି।

ରିପୋର୍ଟରେ କୁହାଯାଇଛି ଯେ ଓଡ଼ିଶାରୁ ପେଟ୍ରୋଲିୟମ୍ ଓ ଅଶୋଧିତ ତୈଳ, କୃଷିଜାତ ସାମଗ୍ରୀ, ଖଣିଜ, ମାନୁଫାକ୍‌ଚରିଂ ସାମଗ୍ରୀ ଆଦିର ରପ୍ତାନିରେ ଉଲ୍ଲେଖନୀୟ ବୃଦ୍ଧି ହୋଇଛି। ଆଇଟି ବ୍ୟବସ୍ଥାକୁ ଗ୍ରହଣ କରିବାରେ ମଧ୍ୟ ରାଜ୍ୟ ଆଗୁଆ ରହିଛି। ପ୍ରାୟ ସବୁ ଚର୍ଚ୍ଚିତ ଆଇଟି କଂପାନିର ଉପସ୍ଥିତି ଓଡ଼ିଶାରେ ରହିଛି। ଆନ୍ତର୍ଜାତିକ ସଂସ୍ଥାଗୁଡ଼ିକ ମଧ୍ୟ ଓଡ଼ିଶା ଆସୁଛନ୍ତି ବୋଲି ଶ୍ରୀ ରାଓ୍ୱତ କହିଛନ୍ତି। ରାଜ୍ୟରେ ଅର୍ଗାନିକ୍ ଚାଷ କରୁଥିବା ଚାଷୀଙ୍କ ସଂଖ୍ୟା ମଧ୍ୟ ବଢ଼ିଛି ବୋଲି ଏହି ରିପୋର୍ଟରେ କୁହାଯାଇଛି।

# ରୂପାନ୍ତରିତ ହେବ ୧୦ ହଜାର ପ୍ରାଥମିକ ସ୍କୁଲ



ଭୁବନେଶ୍ୱର , ୨୮/୦୩ (ନି.ପ୍ର): ରାଜ୍ୟର ୧୦ ହଜାର ପ୍ରାଥମିକ ବିଦ୍ୟାଳୟର ରୂପ ବଦଳିବ। ସ୍ଥାନୀୟ ଶିଳ୍ପ ଓ କର୍ପୋରେଟ୍ ସଂସ୍ଥାଗୁଡ଼ିକର ସିଏସ୍ଆର୍ ପାଣ୍ଠି ଓ ପୁରାତନ ଛାତ୍ରଛାତ୍ରୀଙ୍କ ସାହାଯ୍ୟରେ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ବିକଶିତ ହେବ। ପ୍ରଥମେ ସ୍କୁଲ ଭିତ୍ତିଭୂମି ଯାଞ୍ଚ କରାଯିବା ପରେ ମନୋନୀତ ବିଦ୍ୟାଳୟଗୁଡ଼ିକର ସାମଗ୍ରିକ ବିକାଶ କରାଯିବ। ଏଥିରେ ପ୍ରତ୍ୟେକ ଛାତ୍ରଛାତ୍ରୀ ଓ ବିଦ୍ୟାଳୟର ସ୍ୱାର୍ଥକୁ ଗୁରୁତ୍ୱ ଦିଆଯିବ। ବିଶେଷକରି ରାଜ୍ୟର ଉପାନ୍ତ ଅଞ୍ଚଳର ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମିରେ ବ୍ୟାପକ ଉନ୍ନତି ଆସିବ। ପୁରାତନ ଛାତ୍ରଛାତ୍ରୀଙ୍କ ସହଯୋଗରେ 'ମୋ ସ୍କୁଲ' ଉକ୍ତ ବିଦ୍ୟାଳୟଗୁଡ଼ିକର ପ୍ରକଳ୍ପ ଅଗ୍ରଗତି, କାର୍ଯ୍ୟକାରିତା ଆଦି ତଦାରଖ କରିବ ବୋଲି 'ମୋ ସ୍କୁଲ ଅଭିଯାନ'ର ଦଶମ ପରିଚାଳନା ପରିଷଦ ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ଯୋଗଦେଇ 'ମୋ ସ୍କୁଲ୍ ଅଭିଯାନ' ଅଧ୍ୟକ୍ଷା ସୁସ୍ମିତା ବାଗ୍‌ଚୀ କହିଲେ, ବିଦ୍ୟାଳୟ ରୂପାନ୍ତରୀକରଣ ଦ୍ୱାରା ଲକ୍ଷାଧିକ ଛାତ୍ରଛାତ୍ରୀଙ୍କ ସ୍ୱପ୍ନ ପୂରଣ ହୋଇଛି। ରାଜ୍ୟ ସରକାର, ପୁରାତନ ଛାତ୍ରଛାତ୍ରୀ ଓ ସ୍ଥାନୀୟ ଜନସାଧାରଣଙ୍କ ମିଳିତ ସହଯୋଗରେ ସରକାରୀ ସ୍କୁଲ୍‌ର ଶୈକ୍ଷିକ ବାତାବରଣରେ ପରିବର୍ତ୍ତନ ଆସିଛି। ଏବେ ମୋ ସ୍କୁଲର ସଫଳତାର ଗାଥା ପ୍ରତି ବିଦ୍ୟାଳୟ ଓ ଗାଁରେ ପହଞ୍ଚିଛି। ବିଦ୍ୟାଳୟଗୁଡ଼ିକରେ ପଢୁଥିବା ଛାତ୍ରଛାତ୍ରୀ କେବଳ 'ମୋ ସ୍କୁଲ୍' ସମ୍ପର୍କରେ ଜାଣୁନାହାନ୍ତି, ବରଂ ଏହାର ସଫଳତାକୁ ମଧ୍ୟ ଅନୁଭବ କରୁଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଅଶ୍ୱଥୀ ଏସ୍. ଯୋଗଦେଇ ମୋ ସ୍କୁଲ ଅଧୀନରେ ହେଉଥିବା ପ୍ରକଳ୍ପଗୁଡ଼ିକର ସ୍କୁଲ ଓ ରାଜ୍ୟସ୍ତରରେ ବ୍ୟାପକ ସମୀକ୍ଷା କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରତି ଜିଲ୍ଲାର 'ସ୍କୁଲ୍ କ୍ଲବ୍'ର ସୁପରିଚାଳନା ପାଇଁ ଏକ ହଜାର ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ଏକ କ୍ୟାଡର୍ ଗଠନ କରିବାକୁ ବୈଠକରେ ଆଲୋଚନା ହୋଇଛି। ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ଦିଗରେ ଏହି କ୍ଲବ୍‌ଗୁଡ଼ିକ କାର୍ଯ୍ୟ କରିବା ସହ ବିଭିନ୍ନ ସହପାଠ୍ୟଭିତ୍ତିକ କାର୍ଯ୍ୟକ୍ରମର ପରିଚାଳନା କରିବ। ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ହାଉସ୍ ସିଷ୍ଟମ୍‌କୁ କାର୍ଯ୍ୟକ୍ଷମ କରିବା ଦିଗରେ ମୋ ସ୍କୁଲ୍ ଅଭିଯାନ ସମସ୍ତ ସହଯୋଗ ଯୋଗାଇଦେବ। ଆକାଂକ୍ଷୀ କାର୍ଯ୍ୟକ୍ରମକୁ ଆହୁରି ସୁଦୃଢ଼ କରିବାକୁ ସଫଳ ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ପ୍ରେରଣାଦାୟକ ବକ୍ତୃତା ସିରିଜ୍‌ର ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଛାତ୍ରଛାତ୍ରୀଙ୍କୁ ଅନୁପ୍ରାଣିତ କରିବା ଲକ୍ଷ୍ୟରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ପ୍ରତି ସପ୍ତାହରେ ୟୁଟ୍ୟୁବ୍‌ରେ ପ୍ରସାରିତ ହେବ।

## ଶବର ସଂଘ ଉପଖଣ୍ଡ ସ୍ତରୀୟ ସାଂଗଠନିକ ସଭା

ବଲାଙ୍ଗିର, ୨୮/୦୩ (ନି.ପ୍ର): ସ୍ଥାନୀୟ ଇନ୍ଦିରାନଗର ଶବରୀ ଧର୍ମଶାଳା ଠାରେ ବିଶ୍ୱବସୁ ଶବର ସଂଘର ଉପଖଣ୍ଡ ସ୍ତରୀୟ ସାଂଗଠନିକ ସଭା ରବିଚନ୍ଦ୍ର ଝାଙ୍କର ଜିଲ୍ଲା ସଭାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସଭା ପ୍ରାରମ୍ଭରେ ଶ୍ରୀ ଶ୍ରୀ ଶବରୀ ନାରାୟଣଙ୍କ ପୂଜାର୍ଚ୍ଚନା କରାଯାଇ ସମୁହ ପ୍ରାର୍ଥନା ପରେ ଉପଖଣ୍ଡ ସଭାପତି ରାହାସ ବିହାରି ଭୋଇ ଏବଂ ସମ୍ମାନିତ ଅତିଥି ଭାବେ ଦିଗାମ୍ବର ବର୍ଗେ, ଅକୃର କାଲସାଏ, ଲଳିତ ମଲ୍ଲିକ ମଂଚାସିନ ଥିଲେ । ୧୭ ଗୋଟି ଆଂଚଳିକ କେନ୍ଦ୍ର ମଧ୍ୟରୁ ୧୪ ଗୋଟି ଆଂଚଳିକ କେନ୍ଦ୍ରର କର୍ମକର୍ତ୍ତା ବୈଠକରେ ଅଂଶଗ୍ରହଣ କରି ରୀତିନୀତି ସୁରକ୍ଷା, କୁସଂସ୍କାର, ଅନ୍ଧ ବିଶ୍ୱାସ ଦୂରୀକରଣ ସହ ଶିକ୍ଷା, ସ୍ୱାସ୍ଥ୍ୟର ବିକାଶ ଉପରେ ବ୍ୟାପକ ଆଲୋଚନା ହୋଇଥିଲା । ଏହାକୁ ଲକ୍ଷ୍ୟ ରଖି ଆଗାମୀ ଦିନରେ ସମାଜକୁ ଉଚିତ ମାର୍ଗରେ ଆଗେଇ ନେବାକୁ ଉପଖଣ୍ଡ ସ୍ତରୀୟ ପରିଚାଳନା କମିଟିକୁ ସର୍ବସମ୍ମତି କ୍ରମେ ରାହାସ ବିହାରୀ ଭୋଇ ସଭାପତି, ଅକୃର କାଲସାଏ ଉପ-ସଭାପତି, ସୁଦର୍ଶନ ବୁଡେକ ସଂପାଦକ, ଚନ୍ଦ୍ରଚୁଡ ବେହେରା ସହ-ସଂପାଦକ, ମୋହନ ଭୋଇ କୋଷାଧ୍ୟକ୍ଷ, ସହ-କୋଷାଧ୍ୟକ୍ଷ ଦାଶରଥି ମଲ୍ଲିକ ଓ ସଂଗଠକ ରାଜେଶ ଭୋଇ ଏବଂ ସମିକ୍ଷକ ଅଧିକାରୀ ଭାବେ ରାତୁ କାଲସାଏ ମନୋନିତ ହୋଇଥିଲେ ।

# ଏସସିବି ମେଡିକାଲରେ ବ୍ୟବହାରରେ ଆସୁନି ଅଢ଼େଇ କୋଟିର ଏକ୍‌ମୋ ମେସିନ୍



କଟକ , ୨୮/୦୩ (ନି.ପ୍ର): ହାରାହାରି ଭାବେ ବିଚାର କଲେ ଗୋଟିଏ ଏକ୍‌ମୋ ମେସିନ୍‌ର ଦାମ ୩୦ ଲକ୍ଷ ଟଙ୍କାରୁ ଅଧିକ। କଟକର ଏସସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ରହିଛି ୯ଟି ଏକ୍‌ମୋ ମେସିନ୍। ୨ କୋଟି ୭୦ ଲକ୍ଷରୁ ଅଧିକ ଟଙ୍କା ମୂଲ୍ୟର ଏହି ମେସିନ୍ ୬ ମାସରୁ ଅଧିକ ହେଲାଣି ଅବ୍ୟବହୃତ ସ୍ଥିତିରେ ପଡ଼ି ରହିଛି। କେହି ଜଣେ ବି ରୋଗୀ ଏଥିରୁ ଉପକୃତ ହୋଇ ପାରୁନାହାନ୍ତି। ଏକ୍‌ମୋ ମେସିନ୍ ଥିବା କକ୍ଷ ତାଲା ବନ୍ଦ ହୋଇ ପଡ଼ିଛି। ସ୍ୱାସ୍ଥ୍ୟ ବିଭାଗର ନିଷ୍କ୍ରିୟତା ଏଭଳି ସ୍ଥିତି ସୃଷ୍ଟି କରିଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ ୨୦୨୧ ଅଗଷ୍ଟ ୨୭ କୋଭିଡ୍ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ୍‌ମୋ ବ୍ୟବସ୍ଥାର ଲୋକାର୍ପଣ କରିଥିଲେ। ଏକ୍‌ମୋ ଚିକିତ୍ସା ଅତ୍ୟନ୍ତ ବ୍ୟୟବହୁଳ ହୋଇଥିବା ବେଳେ କଟକ ବଡ଼ ମେଡିକାଲରେ ସରକାର ତାହାକୁ ସଂପୂର୍ଣ୍ଣ ମାଗଣା କରିଥିଲେ। ସମଗ୍ର ପୂର୍ବ ଭାରତରେ ବି କୌଣସି ସରକାରୀ ଅଥବା ବେସରକାରୀ ବ୍ୟବସ୍ଥାରେ ଏତେ ସଂଖ୍ୟକ ଏକମୋ ମେସିନ୍ ନାହିଁ। କିନ୍ତୁ ଅନେକ ଆଶା ସଂଚାର କରିଥିବା ଏହି ଚିକିତ୍ସା ବ୍ୟବସ୍ଥା ଏକ ପ୍ରକାର ବନ୍ଦ ଅବସ୍ଥାରେ ପଡି ରହିବା ଘଟଣା ଉଦବେଗର କାରଣ ହୋଇଛି। ଗଲା ଦେଢ ବର୍ଷ ଭିତରେ ଏକ୍‌ମୋରେ ଚିକିତ୍ସିତ ହୋଇଛନ୍ତି ୧୫ ଜଣ ରୋଗୀ। କିନ୍ତୁ ୬ ମାସରୁ ଅଧିକ ହେଲାଣି ଏସ୍‌ସିବି ଏକ୍‌ମୋ ୟୁନିଟ୍‌ରେ ତାଲା ଝୁଲୁଛି। ଏକ୍‌ମୋ କେବଳ କୋଭିଡ୍ ସଂକ୍ରମଣରେ ଗୁରୁତର ରୋଗୀ ତଥା ଫୁସ୍‌ଫୁସ୍ କାମ କରୁନଥିବା ରୋଗୀଙ୍କ ଚିକିତ୍ସାରେ ବ୍ୟବହାର ହୁଏ ନାହିଁ, ଅନ୍ୟ ଅନେକ ଗୁରୁତର ରୋଗୀଙ୍କ ଚିକିତ୍ସାରେ ବି ଏହା ବ୍ୟବହାର ହୁଏ। କିନ୍ତୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏଯାଏ ଏହାର ବ୍ୟବହାରକୁ ନେଇ ମାର୍ଗ ଦର୍ଶିକା ଜାରି କରି ନଥିବାରୁ ବର୍ତ୍ତମାନ ଏକମୋ ମେସିନ ବ୍ୟବହାର ନହୋଇ ପଡି ରହିଛି। ଏଭଳି ସ୍ଥିତି ଜାରି ରହିଲେ ଏହି ୨ କୋଟି ୭୦ ଲକ୍ଷରୁ ଅଧିକ ଟଙ୍କାର ମେସିନ ସଂପୂର୍ଣ୍ଣ ଅଚଳ ହୋଇଯିବ ବୋଲି ଆଶଙ୍କା ପ୍ରକାଶ ପାଇଲାଣି।

ଏକମୋ ମେସିନରେ ସାପ କାମୁଡାରେ ଗୁରୁତର ରୋଗୀ, ପାଣିରେ ବୁଡିଯାଇ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେଉଥିବା, ବିଷକ୍ରିୟା, ନିମୋନିଆ, ହାର୍ଟ ଆଟାକ୍, ଫୁସ୍‌ଫୁସ୍, ଛାତି, ହୃତ୍‌ପିଣ୍ଡରେ ହେଉଥିବା କ୍ଷତ, ଟ୍ରାନ୍ସପ୍ଲାଣ୍ଟ ଆଦି ବିଭିନ୍ନ ଗୁରୁତର ରୋଗୀଙ୍କ ଚିକିତ୍ସା କରାଯାଇପାରିବ। କିନ୍ତୁ ସେଭଳି ଗୁରୁତର ରୋଗୀଙ୍କୁ ଏକ୍‌ମୋ ରେଫର କରାଯିବ କି ନାହିଁ, ସେ ସଂପର୍କରେ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶନାମା ଜାରି କରିବା କଥା। କିନ୍ତୁ ସେପରି ହୋଇ ନଥିବାରୁ ଏକମୋ ମେସିନ ଅବ୍ୟବହୃତ ସ୍ଥିତିରେ ପଡି ରହିଛି। ଏସ୍‌ସିବିରେ ଆଗକୁ ହାର୍ଟ ଟ୍ରାନ୍ସପ୍ଲାଣ୍ଟ ପାଇଁ ଯୋଜନା ରହିଥିବା ବେଳେ ସେ ସମୟରେ ଏକ୍‌ମୋର ଆବଶ୍ୟକତା ପଡିବ। ଯେହେତୁ ଏକ୍‌ମୋ ୟୁନିଟ୍‌ରେ ରୋଗୀ ନାହାନ୍ତି ଏହା ବନ୍ଦ ପଡିଛି ତେଣୁ ନିଯୁକ୍ତି ପାଇଥିବା ଅନେକ କର୍ମଚାରୀଙ୍କୁ ସ୍ଥାନାନ୍ତର କରାଯାଇଛି। ଏକ୍‌ମୋ ନିଷ୍ଣେତକ ୪ଜଣ ଥିବାବେଳେ ଏବେ ୨ଜଣ ଅଛନ୍ତି। ଇସିଜି ଟେକ୍ନିସିଆନ ୮ଜଣ ଥିଲେ ଏବେ ମାତ୍ର ୨ଜଣ ଅଛନ୍ତି।

# ସ୍ମାର୍ଟ ସିଟି ପ୍ରକଳ୍ପ ପାଇଁ ବ୍ୟୟ ୧୫୫୨ କୋଟି

ନୂଆଦିଲ୍ଲୀ, ୨୮/୦୩ (ନି.ପ୍ର): ୨୦୧୭ରୁ ଭୁବନେଶ୍ୱର ବିକାଶ ପାଇଁ କେନ୍ଦ୍ର ସରକାର ନେଇଥିବା ପଦକ୍ଷେପ ସମ୍ପର୍କରେ ରାଜ୍ୟସଭାରେ ବିସ୍ତୃତ ବିବରଣୀ ରଖିଛନ୍ତି କେନ୍ଦ୍ର ଆବାସ ଓ ସହରାଞ୍ଚଳ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୌଶଲ କିଶୋର। ବିଜେଡି ସାଂସଦ ସସ୍ମିତ ପାତ୍ରଙ୍କ ଅଣତାରକା ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ ଉତ୍ତର ରଖିଛନ୍ତି।

ମନ୍ତ୍ରୀଙ୍କ ସୂଚନାନୁସାରେ ୩୩୯.୪୪ କୋଟି ଟଙ୍କା ବ୍ୟୟରେ ଭୁବନେଶ୍ୱରରେ ଅମୃତ ଯୋଜନାରେ ୪୬ଟି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି। ସେହିଭଳି ଅମୃତ ୨.୦ ଯୋଜନାରେ ୧୭୩.୯୮ କୋଟି ଟଙ୍କା ବ୍ୟୟରେ ୩ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ସରିଛି ଓ ୨୦ଟି ପାଇଁ ଠିକା ଦିଆଯାଇଛି।

ଭୁବନେଶ୍ୱର ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଂଚଳ)ରେ ଆବାସ ମଞ୍ଜୁରି, ସହାୟତା ଆବଣ୍ଟନ ଓ ପାଣ୍ଠିର ଉପଯୋଗକୁ ନେଇ ମନ୍ତ୍ରୀ ଗତ ୬ ବର୍ଷର ବିବରଣୀ ଦେଇଛନ୍ତି। ଭୁବନେଶ୍ୱର ସ୍ମାଟ ସିଟି ଯୋଜନାରେ ୨୬ଟି ପ୍ରକଳ୍ପ ସରିଛି। ଏଥିପାଇଁ ୧୫୫୨.୦୬ କୋଟି ଟଙ୍କା ବ୍ୟୟ ହୋଇଛି। ଅନ୍ୟ ୯ଟି ପ୍ରକଳ୍ପର କାର୍ଯ୍ୟ ଚାଲିଛି। ଏଥିପାଇଁ ୬୦୭.୭୧ କୋଟି ଟଙ୍କାର ବ୍ୟୟ ଆକଳନ କରାଯାଇଛି। ଭୁବନେଶ୍ୱରକୁ ସ୍ୱଚ୍ଛ ଭାରତ ମିସନ (ସହରାଞ୍ଚଳ) ଯୋଜନାରେ ଓଡିଏଫ୍ ପ୍ଲସପ୍ଲସ ଭାବେ ସାର୍ଟିଫାଏଡ୍ କରାଯାଇଛି। କଠିନ ବର୍ଜ୍ୟ ବସ୍ତୁ ପରିଚାଳନା ବ୍ୟବସ୍ଥାରେ ସମସସ୍ତ ୬୭ ୱାର୍ଡରେ ଶତ ପ୍ରତିଶତ 'ଡୋର-ଟୁ-ଡୋର କଲେକ୍‌ସନ' କରାଯାଉଛି। ଶୌଚାଳୟ ନିର୍ମାଣରେ ଇଣ୍ଡିଭିଜୁଆଲ ହାଉସହୋଲ୍ଡ ଲାଟ୍ରିନ୍ ପାଇଁ ୧୩ ହଜାର ୩୯୧ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ୧୨,୩୫୯ (୯୨ ପ୍ରତିଶତ) ହାସଲ ହୋଇଛି। ସ୍ୱଚ୍ଛ ସର୍ଭେକ୍ଷଣରେ ଭୁବନେଶ୍ୱର ରାଙ୍କ ୨୦୨୧ରେ ୧୪୨ ଥିବାବେଳେ ୨୦୨୨ରେ ୮୦ ରହିଥିବା କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ସୂଚନା ଦେଇଛନ୍ତି।

## ଭଙ୍ଗାଗଲା ପୁରୁଣା ସିନେମା ହଲ୍ ଶ୍ରୀକୃଷ୍ଣ

ପୁରୀ, ୨୮/୦୩ (ନି.ପ୍ର): ବଡ଼ଦାଣ୍ଡ ନିକଟରେ ଥିବା ଶ୍ରୀକୃଷ୍ଣ ସିନେମା ହଲକୁ ପ୍ରଶାସନ ପକ୍ଷରୁ ଆଜି ଉଚ୍ଛେଦ କରାଯାଇଛି। ମାଜିଷ୍ଟ୍ରେଟ ଓ ପୋଲିସଙ୍କ ଉପସ୍ଥିତିରେ ଏହି ଭଙ୍ଗା କାର୍ଯ୍ୟ ଜାରି ରହିଥିଲା। କୁହାଯାଉଛି ଶ୍ରୀମନ୍ଦିର ଠାରୁ ଏହା ୧୦୦ ମିଟରରେ ରହିଥିବା ବେଳେ ସେହି ଜାଗାଟି ମହାପ୍ରଭୁ ଶ୍ରୀଜଗନାଥଙ୍କ ନାମରେ ରେକର୍ଡ଼ ରହିଛି। ଏ ସମ୍ପର୍କରେ ଉପଜିଲ୍ଲାପାଳ ଭବତାରଣ ସାହୁ କହିଛନ୍ତି ଦଖଲରେ ଥିବା ପ୍ରଜାଙ୍କୁ ଉପଯୁକ୍ତ କ୍ଷତି ପୂରଣ ଦିଆଯାଇ ଭଙ୍ଗା ଯାଇଛି । ଶୁଣାଯାଉଛି ଏହି ସ୍ଥାନରେ ଅଭ୍ୟର୍ଥନା ଗୃହ ନିର୍ମାଣ କରାଯିବ।

# ଗଉଡ଼ଗୁଡାରେ ଗୌଡ଼ ସମାଜର ବୈଠକ

ଜୟପୁର, ୨୮/୦୩ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ସଲପା ଗଉଡ଼ଗୁଡା ଠାରେ କୋରାପୁଟ ଜିଲ୍ଲା ଯାଦବ ମହାସଭାର ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସାଧାରଣ ସମ୍ପାଦକ ରାଜେନ୍ଦ୍ର କୁମାର ଗୌଡ଼ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ଅବିଭକ୍ତ କୋରାପୁଟ ଜିଲ୍ଲା ଆବାହକ ସାଥୀରାମ ନାୟକ ଯୋଗ ଦେଇ ଜାତିର ସଂସ୍କୃତି, ପରମ୍ପରା, ରୀତିନୀତି ଉପରେ ଆଲୋକପାତ କରିଥିଲେ । ବାବୁଲା ଗୌଡ଼ଙ୍କ ଆହ୍ୱାନ କ୍ରମେ ଆୟୋଜିତ ଏହି ବୈଠକରେ ସମ୍ମାନିତ ଅତିଥି ଭାବେ କୁନ୍ଦୁରା କମିଟି ପକ୍ଷରୁ ପଦଲମ ଗୌଡ଼, ବଳରାମ ଗୌଡ଼, ତୁଳାରାମ ଗୌଡ଼, ତ୍ରିନାଥ ଗୌଡ଼ ପ୍ରମୁଖ ଯୋଗ ଦେଇଥିଲେ । ବୈଠକରେ ବ୍ଲକ କମିଟି ପାଇଁ ଗୌଡ଼ଗୁଡାର ଅଭି ନାୟକ, ସାହେବ ଗୌଡ଼, ରାଜେନ୍ଦ୍ର ଗୌଡ଼, ସଲପା ଚନ୍ଦ୍ର ଶେଖର ଗୌଡ଼, ଶ୍ୟାମ ସୁନ୍ଦର ଗୌଡ଼, କୁଟଗୁଡା ପୂର୍ଣ୍ଣ ଗୌଡ଼, ସର୍ଗିଗୁଡା ଡମ୍ବୁ ଗୌଡ଼, ଘାଟବାଗ୍ରା ଭଗବାନ ଗୌଡ଼, କଡ଼ପା ଭାଗିରଥି ଗୌଡ଼, କଚିଆଗୁଡା ଧନପତି ଗୌଡ଼, ମୋହନ ଗୌଡ଼, କୈଳାସ ଗୌଡ଼, ଗଡେଇଗୁଡା ଦିନବନ୍ଧୁ ଗୌଡ଼, ଭାଜିଗୁଡା ରାମନାଥ ଗୌଡ଼ଙ୍କୁ ସଦସ୍ୟ ମନୋନୀତ କରାଯାଇଥିଲା । ଏହି କମିଟି ଆସନ୍ତା ୨୯ ତାରିଖ ଘାଟବାଗ୍ରାରେ ହେବାକୁ ରହିଥିବା ବୈଠକରେ ଯୋଗ ଦେବାକୁ ସ୍ଥିର ହୋଇଥିଲା । ଆସନ୍ତା ଏପ୍ରିଲ ୧୬ ତାରିଖରେ ଜୟପୁରରେ ହେବାକୁ ରହିଥିବା ଗୌଡ଼ ଅଧିକାର ସମାବେଶ ସମ୍ପର୍କରେ ଆଲୋଚନା ହୋଇଥିଲା । କିଭଳି ଏଥିରେ ଲକ୍ଷାଧିକ ଗୌଡ଼ ଯୋଗଦେଇ ସଭା ସଫଳତା ହାସଲ କରିବ ସେ ଉପରେ ଆଲୋଚନା ହୋଇଥିଲା । ସମାବେଶ ପୂର୍ବ ଦିନରୁ ଦଶହରା ପଡିଆରେ ପ୍ରତି ଗାଁର ଯୁବକ ମାନେ ପହଂଚି ସେବା ଯୋଗାଇ ଦେବାକୁ ନିର୍ଦ୍ଦେଶ ଜାରି କରାଯାଇଥିଲା। ଶେଷରେ ଘାଟବାଗ୍ରାର ଭଗବାନ ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ ।

# ଧର୍ମଶାଳା ବିଧାୟକଙ୍କୁ କଳାହାଣ୍ଡି ଜିଲାର ପର୍ଯ୍ୟବେକ୍ଷକ ଦାୟିତ୍ୱ

ଧର୍ମଶାଳା, ୨୮/୦୩ (ନି.ପ୍ର): ବିଜୁ ଜନତା ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନୀବନ ପଟ୍ଟନାୟକ ୩୦ ଜିଲା ପାଇଁ ନୂତନ ପର୍ଯ୍ୟବେକ୍ଷକ ତାଲିକା ଜାରି କରିଛନ୍ତି। ୨୦୧୪ ନିର୍ବାଚନ ପୂର୍ବରୁ ଦଳକୁ ସାଂଗଠନିକ ସ୍ତରରେ ଆହୁରୀ ମଜବୁତ୍ କରିବା ଦିଗରେ ପର୍ଯ୍ୟବେକ୍ଷକମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ । ଏହି ତାଲିକାରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ନାମ ସାମିଲ ଥିବାରୁ ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ବିଜେଡି କର୍ମୀ ମହଲରେ ଖୁସିର ଲହରୀ ଖେଳିଯାଇଛି । ଶ୍ରୀବଳବନ୍ତରାୟଙ୍କୁ କଳାହାଣ୍ଡି ଜିଲାର ପର୍ଯ୍ୟବେକ୍ଷକ ଦାୟିତ୍ୱ ମିଳିଛି । ଏହି ତାଲିକା ପ୍ରକାଶ ପାଇବା ପରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେଡି ନେତା ଓ କର୍ମୀ, ମହିଳା ନେତ୍ରୀ, ଧର୍ମଶାଳା ଯୁବ ଛାତ୍ର ବିଜେଡିର ସମସ୍ତ କର୍ମକର୍ତ୍ତା ଓ ନିର୍ବାଚିତ ଲୋକପ୍ରତିନିଧିମାନେ ଧର୍ମଶାଳା ବିଧାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ୱାଡ଼ି ନାଁରେ ପ୍ରହସନ : ଲୁଟିନେଲେ ୧.୮୩ କୋଟି

## କେବଳ ତାରଜାଲି କରି ପୂରା ଟଙ୍କା ହଡ଼ପ



କୋଇଡ଼ା , ୨୮/୦୩ (ନି.ପ୍ର): ସୁନ୍ଦରଗଡ଼ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ସହାୟତାରେ ଜିଲ୍ଲାର ଖଣି ପ୍ରଭାବିତ ୮ଟି ବ୍ଲକ୍‌ରେ ଆଦିବାସୀଙ୍କ ଜୀବନଜୀବିକାର ଉନ୍ନତି ସାଧନ ଲାଗି ଉଦ୍ୟାନ କୃଷିଭିତ୍ତିକ ପ୍ରକଳ୍ପ ୱାଡ଼ି କାର୍ଯ୍ୟକାରୀ କରାଯାଉଛି। କିନ୍ତୁ, ଆଖିବୁଜା ଦୁର୍ନୀତି କାରଣରୁ ଏହି ପ୍ରକଳ୍ପ ସଂପୂର୍ଣ୍ଣ ବିଫଳ ହୋଇଛି। କୋଇଡ଼ା ବ୍ଲକ୍‌ର ଗୋଟିଏ ପଞ୍ଚାୟତରେ ହିଁ ଏହି ପ୍ରକଳ୍ପରେ ପ୍ରାୟ ୧୫ ହେକ୍ଟରରେ କେବଳ ତାରଜାଲି ଘେରାଇ ସବୁ ଅର୍ଥ ହଡ଼ପ କରାଯାଇଛି ବୋଲି ଗୁରୁତର ଅଭିଯୋଗ ହେଉଛି। ୱାଡ଼ିରେ ଗୋଟିଏ ହେଲେ ଗଛ ନଥିବାରୁ, ପଚାରିଲେ 'ଗଛସବୁ ହାତୀ ଖାଇଗଲେ' ବୋଲି ବିତଣ୍ଡା ଉତ୍ତର ମିଳୁଛି। ଜିଲ୍ଲାର ଅନେକ ବ୍ଲକ୍‌ରେ ଏଭଳି ଭାବେ ୱାଡ଼ି ନାଁରେ କୋଟି କୋଟି ଟଙ୍କା ଲୁଟ୍ ହୋଇଥିବାର ପ୍ରମାଣ ମିଳିବାରେ ଲାଗିଛି।

୨୦୨୧-୨୨ ଆର୍ଥିକ ବର୍ଷରେ କୋଇଡ଼ା ବ୍ଲକ୍‌ର ପାଟମୁଣ୍ଡା ପଞ୍ଚାୟତ ବଲଡିହି ଗାଁରେ ଆଦିବାସୀ ହିତାଧିକାରୀଙ୍କର ୧୪.୭୭୨ ହେକ୍ଟର ଜମିରେ ୱାଡ଼ି ପ୍ରକଳ୍ପରେ ଫଳଚାରା ରୋପଣ ପାଇଁ ଯୋଜନା ହୋଇଥିଲା। ଏଥିପାଇଁ ଡିଏମ୍ଏଫ୍ ପାଣ୍ଠିରୁ ୧ କୋଟି ୮୩ ଲକ୍ଷ ୪୬ ହଜାର ୨୫୧ ଟଙ୍କା ମଞ୍ଜୁର ହୋଇଥିଲା। ପ୍ରକଳ୍ପରେ ଆଦିବାସୀଙ୍କ ଖାଲିପଡ଼ିଥିବା ଜମିରେ ଆମ୍ବ ଓ ଲିଚୁ ଚାରାରୋପଣ କରାଯିବାକୁ ଲକ୍ଷ୍ୟ ରଖାଯାଇଥିଲା। ପ୍ରତି ଏକର ପାଇଁ ପ୍ରାୟ ୧୦୦ଟି ଚାରା ରୋପଣ କରାଯିବା କଥା। ଏଥିପାଇଁ ଆବଶ୍ୟକ ତାରବାଡ଼, ଜଳଯୋଗାଣ, ଖତସାର, ରକ୍ଷଣାବେକ୍ଷଣ ଆଦି ପ୍ରକଳ୍ପ ଖର୍ଚ୍ଚ ଅନ୍ତର୍ଭୁକ୍ତ। ଏଥିସହିତ ସ୍ଥାନୀୟଲୋକଙ୍କ ରୋଜଗାର ସୁନିଶ୍ଚିତ କରିବା ଲାଗି ଏହାକୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା) ସହିତ ଯୋଡ଼ି ଦିଆଯାଇଛି। ଏହି ଶ୍ରମଭିତ୍ତିକ ଯୋଜନାରେ ଜରିଆରେ ଆମ୍ବ ଓ ଲିଚୁ ଚାଷ କରାଯାଇ ଫଳ ଧରିଲା ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ କରାଯିବା କଥା। ପ୍ରକଳ୍ପର କାର୍ଯ୍ୟନିର୍ବାହୀ ସଂସ୍ଥା ଜିଲ୍ଲା ଉଦ୍ୟାନ ବିଭାଗ ଥିବାବେଳେ ଏକ ବେସରକାରୀ ସଂସ୍ଥା ଏସଜିୟୁପିକୁ କାର୍ଯ୍ୟାନ୍ୱୟନ ଦାୟିତ୍ୱ ଦିଆଯାଇଥିଲା। ୨୦୨୨ ସେପ୍ଟେମ୍ବର ୨୧ରେ ପ୍ରକଳ୍ପ ଶେଷହୋଇ ସାମାଜିକ ସମୀକ୍ଷା ମଧ୍ୟ ସରିଗଲାଣି। କିନ୍ତୁ ପ୍ରକଳ୍ପରେ ଦୁର୍ନୀତି ଏତେ ମାତ୍ରାଧିକ ଯେ 'ଠାକୁର ଖାଇ ଖଟୁଲି ଖାଇଦେବା ପରି ପ୍ରକଳ୍ପର ୧୪.୭୭୨ ହେକ୍ଟର ଜମିରେ କେବଳ ତାରଜାଲି ଛଡ଼ା କିଛି ହୋଇନାହିଁ। ଏମିତିକି ଗଛ ଲଗାଇବା ପାଇଁ ମାଟି ମଧ୍ୟ ଖୋଳା ହୋଇନାହିଁ କି ଗୋଟିଏ ବି ଚାରା ଲଗାଯାଇନାହିଁ। ଯେଉଁ ବେସରକାରୀ ସଂସ୍ଥା ଏହି ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଦାୟିତ୍ୱରେ ଥିଲା, ତା'ର ଅଧିକାରୀ ବି ଉପରଠାଉରିଆ ଭାବେ ଗଛସବୁ ହାତୀ ଖାଇଗଲେ ବୋଲି ଉତ୍ତର ଦେଉଛନ୍ତି। ତେବେ ହାତୀ ଖାଇବାର କୌଣସି ଲକ୍ଷଣ ଦେଖା ଯାଉନାହିଁ। ଆହୁରି ବିଡ଼ମ୍ବନାର କଥା ହେଉଛି, ପ୍ରକଳ୍ପ ପାଇଁ ପ୍ରାୟ ୨ କୋଟି ଟଙ୍କା ହଡ଼ପ କରିବାପରେ ସଂପୃକ୍ତ ବିଭାଗ ଓ ସଂସ୍ଥା ଏହାକୁ ଲେଉଟିଆ କିଆରି ବୋଲି ମନେକରି ଗତ ମାର୍ଚ୍ଚ ୨୨ରେ ବ୍ଲକ୍‌ରେ ହୋଇଥିବା ସାମାଜିକ ସମୀକ୍ଷା ବୈଠକରେ ଏହି ପ୍ରକଳ୍ପର ରକ୍ଷଣାବେକ୍ଷଣ ପାଇଁ ଆହୁରି ପାଣ୍ଠି ଯୋଗାଇଦେବାକୁ ଅନୁରୋଧ କରିଥିଲେ। ଯାହାକି ସେଠାରେ ଉପସ୍ଥିତ ଥିବା ଅନ୍ୟ ଅଧିକାରୀମାନଙ୍କର ଭ୍ରୂକୁଞ୍ଚନ ସୃଷ୍ଟି କରିଥିଲା।

## ଭାରତୀୟ ବ୍ୟାଙ୍କ ସେବା ଓ ରିକଭରି...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ସେହିପରି ଭୁବନେଶ୍ୱର ସର୍କଲ ଅଫିସରେ ଗ୍ରାହକମାନେ ଗଲାବେଳକୁ ଓ.ଟି.ଏସ୍. ପାଇଁ ସେତେବେଳେ ବ୍ୟାଙ୍କ କହୁଛି ଯେ ତୁମ କବଲା ପୋଡି ଯାଇଛି, ହଜିଯାଇଛି, ଏଭଳି ବିଭିନ୍ନ ପ୍ରକାର ବାହାନା କରୁଛନ୍ତି। ଏମିତି କହି ବ୍ୟାଙ୍କ ଗ୍ରାହକ ମାନଙ୍କୁ ଧମକାଉଛନ୍ତି ଓ ଏପରି କରି ଫେରାଇ ଦେଉଛନ୍ତି।

ଏଣୁ ଆମ୍ଭେମାନେ ସମସ୍ତ ବ୍ୟାଙ୍କ ଗ୍ରାହକମାନେ ବିନମ୍ର ସହ ଅନୁରୋଧ କରୁଛୁ କି ଏପରି ବ୍ୟାଙ୍କର କିଛି ବଡ଼ ବଡ଼ ଅଫିସରମାନେ ଏହାର ଗୋଟିଏ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଉ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଆମକୁ ନ୍ୟାୟ ପ୍ରଦାନ କରାଯାଉ ଓ ସେମାନଙ୍କୁ ବାଦ ଦିଆଯାଉ। ସେମାନଙ୍କର ଏପରି ବିଚାର ଅଭ୍ୟାସ ରହିଲେ ଓ.ବି.ସି. ୟୁନାଇଟେଡ ବ୍ୟାଙ୍କ ପରି ପଞ୍ଜାବ ନ୍ୟାସନାଲ ବ୍ୟାଙ୍କକୁ ମଧ୍ୟ ବୁଡ଼ାଇ ଦେବ। ଗରୀବ ଓ ହିତାଧିକାରୀ ମାନଙ୍କୁ ନ୍ୟାୟ ଦିଅନ୍ତୁ ନଚେତ ଆମେ ରାଜ ରାସ୍ତାକୁ ଓହ୍ଲାଇବାକୁ ବଧ ହେବୁ। ଭାରତୀୟ ଅର୍ଥନୀତିରେ ଜନତାଙ୍କ ସହଯୋଗୀତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେବେ ଏସବୁ କ୍ଷେତ୍ରରେ ବ୍ୟାଙ୍କ ମାନଙ୍କ ସହଯୋଗ ମଧ୍ୟ ରହିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେହୁଏ। ଏକ ଦେଶର ଏବଂ ଏକ ଜାତିର ଉନ୍ନତିରେ ବ୍ୟାଙ୍କର ସହଯୋଗ ପୃଷ୍ଠପୋଷକତା ଓ ପ୍ରୋତ୍ସାହନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ। ଏ କ୍ଷେତ୍ରରେ ସରକାର ନିଜେ ତଦନ୍ତକାରୀ ଲୋକାମାନଙ୍କର ବ୍ୟାଙ୍କ ପାଖରେ ଯେଉଁ ବିଶ୍ୱସନୀୟତା ଥିଲା ତାହା ବଜାୟୀ ରଖନ୍ତୁ। କାରଣ କୌଣସି ଏକ ବ୍ୟାଙ୍କ ପାଇଁ ଜାତୀୟ ଅର୍ଥନୀତି ବିପଦଗ୍ରସ୍ତ ନହୁଏ ଏ କ୍ଷେତ୍ରରେ ସରକାର କାଳ ବିଳମ୍ବ ନକରି ଲୋକମାନଙ୍କର ଅର୍ଥନୀତିକୁ ଆହୁରି ଦୃଢ଼ ମଜଭୁତ କରିବା ପାଇଁ ଉଦ୍ୟମ ଜାରି ରଖନ୍ତୁ।

+ପୂର୍ବତନ ଅର୍ଥନୈତିକ ପରାମର୍ଶଦାତା,
ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ, ୪ ଫରେଷ୍ଟ ପାର୍କ, ଭୁବନେଶ୍ୱର

## ଉତ୍କଳିକା ପରିଚାଳନା ପରିଷଦର ପ୍ରଥମ ବୈଠକ

ଭୁବନେଶ୍ୱର, ୨୮/୦୩ (ନି.ପ୍ର): ରସୁଲଗଡ ସ୍ଥିତ ଉତ୍କଳିକାର ମୁଖ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ପୂର୍ବାହ୍ନରେ ଉତ୍କଳିକାର ସଭାପତି କୁମାରୀ ଦେବସ୍ମିତା ସାହୁଙ୍କ ଅଧ୍ୟକ୍ଷତାରେ ନବନିର୍ବାଚିତ ପରିଚାଳନା ପରିଷଦର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପ୍ରଶାନ୍ତ ମହାପାତ୍ର, ଉପାଧ୍ୟକ୍ଷ, ଉତ୍କଳିକା ତଥା ଅନ୍ୟାନ୍ୟ ମାନନୀୟ ସଭ୍ୟ/ସଭ୍ୟା ଏବଂ ସ୍ୱତନ୍ତ୍ର ସଚିବ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ତଥା ପରିଚାଳନା ନିର୍ଦ୍ଦେଶକ, ଉତ୍କଳିକା ସରୋଜ କୁମାର ପଟେଲ, ଅତିରିକ୍ତ ସଚିବ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ତଥା ହସ୍ତଶିଳ୍ପ ନିର୍ଦ୍ଦେଶକ ବିକ୍ରମାଦିତ୍ୟ ବାରିକ, ଯୁଗ୍ମ ସଚିବ ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗ ତଥା ପରିଚାଳିକା, ଉତ୍କଳିକା, ଶ୍ରୀମତୀ କଲ୍ୟାଣୀ ପଟ୍ଟନାୟକ ଉପସ୍ଥିତ ଥିଲେ । ବୈଠକରେ ଆସନ୍ତା ଆର୍ଥିକ ବର୍ଷ ୨୦୨୩-୨୪ ର ବାର୍ଷିକ ବଜେଟ ଓ ବାର୍ଷିକ କାର୍ଯ୍ୟଯୋଜନା ଆଗତ ଓ ଗୃହୀତ ହେବା ସଙ୍ଗେସଙ୍ଗେ ଅନ୍ୟ ଆଠଗୋଟି ଏଜେଣ୍ଡା ସହିତ ଅନ୍ୟାନ୍ୟ ବିଷୟ ଆଲୋଚନା ପୂର୍ବକ ନିଷ୍ପତି ଗ୍ରହଣ କରାଯାଇଛି । ଏ ଅବସରରେ ଓଡିଶାର ଶିଳ୍ପୀ ଓ କାରିଗରମାନଙ୍କର ଉନ୍ନତି ତଥା ଓଡିଶା ହସ୍ତଶିଳ୍ପର ବିକାଶ ଓ ପ୍ରଚାର ପ୍ରସାର ପାଇଁ ଉତ୍ସର୍ଗୀକୃତ ଭାବରେ କାର୍ଯ୍ୟ କରିବାକୁ ସମସ୍ତଙ୍କ ସହଯୋଗ କାମନା କରାଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ଏପ୍ରିଲ ୧ ଯାଏଁ ରହିବ ....

ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ କୋରାପୁଟ, ରାୟଗଡା, ଗଜପତି, ଗଂଜାମ, କନ୍ଧମାଳ , କେନ୍ଦୁଝର, ମୟୁରଭଂଜ, ଅନୁଗୁଳ, ଢେଙ୍କାନାଳ, କଟକ , ଖୋର୍ଦ୍ଧା ଓ ବାଲେଶ୍ୱର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ବର୍ଷା ସମ୍ଭାବନା ରହିଛି। ଏଥିପାଇଁ ଏହି ଜିଲ୍ଲା ଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୨୯ରୁ ୩୦ ତାରିଖ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ମୟୁରଭଂଜ , ଢେଙ୍କାନାଳ ଓ ଖୋର୍ଦ୍ଧା ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ବର୍ଷା ସମ୍ଭାବନା ଥିବାରୁ ଏହି ଜିଲ୍ଲା ଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

### ମହଙ୍ଗା ପଡ଼ିଲା ସାବରକର....

ନେଇ ରାହୁଲ ଗାନ୍ଧୀଙ୍କୁ କୌଣସି ଟିପ୍ପଣୀ କରିବାର ଆବଶ୍ୟକତା ନଥିଲା । ତେବେ ଏ ବିଷୟରେ ସଂଜୟ ରାଉତ, ରାହୁଲଙ୍କ ସହ କଥା ହେବେ ବୋଲି କହିଛନ୍ତି । ସେପଟେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ କହିଛନ୍ତି, ରାହୁଲ ଗାନ୍ଧୀ ବାରମ୍ବାର ସାବରକରଙ୍କୁ ଅପମାନ କରୁଛନ୍ତି । ବୀର ସାବରକରଙ୍କ ଯୋଗୁଁ ଦେଶ ସ୍ୱାଧୀନତା ପାଇଛି । ଯେଉଁ ଦେଶ ପ୍ରେମୀଙ୍କ ଯୋଗୁଁ ଦେଶକୁ ସ୍ୱାଧୀନତା ମିଳିଛି, ସେମାନଙ୍କ ବିରୋଧରେ ଏଭଳି ବୟାନ ନିନ୍ଦନୀୟ ବୋଲି ଏକନାଥ ସିନ୍ଦେ କହିଛନ୍ତି । ସୋମବାର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ବିରୋଧୀ ଦଳର ନେତାଙ୍କୁ ରାତ୍ର ଭୋଜନ ପାଇଁ ନିମନ୍ତ୍ରଣ ଦେଇଥିଲେ । କିନ୍ତୁ ଏହି ବୈଠକରେ ଉଦ୍ଧବ ଠାକରେ ଯୋଗ ଦେଇନଥିଲେ । କୁହାଯାଉଛି, ସାବରକରଙ୍କ ବିରୋଧରେ ମନ୍ତବ୍ୟ ଦେଇଥିବାରୁ ଉଦ୍ଧବ ଏହି ବୈଠକରୁ ଦୂରେଇ ରହିଥିଲେ । ଯଦି ରାହୁଲ ଗାନ୍ଧୀ ନିଜ ମନ୍ତବ୍ୟ ପାଇଁ କ୍ଷମା ନମାଗନ୍ତି, ତେବେ ଆଗାମୀ ଦିନରେ ଉଦ୍ଧବ ଗୋଷ୍ଠୀ ବଡ଼ ପଦକ୍ଷେପ ନେଇପାରେ ବୋଲି କୁହାଯାଉଛି ।

### ବ୍ୟାପିଛି ଜାଲ ସାର୍ଟିଫିକେଟ୍ ....

ଆରମ୍ଭ କରି, ଡାକ୍ତର, ଇଞ୍ଜିନିୟର ସବୁ ନକଲି ସାର୍ଟିଫିକେଟ ପ୍ରସ୍ତୁତ କରୁଥିଲେ । ତାପରେ ମାଷ୍ଟର ମାଇଣ୍ଡ ମନୋଜ ମିଶ୍ର ଓ ସହଯୋଗୀ ଆଲୋକ ଉଦ୍ଗାତଙ୍କ ସମେତ ୧୯ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ବଲାଙ୍ଗୀର ପୋଲିସ । ଗିରଫ ହୋଇ ଜେଲ ଯାଇଥିବା ଜାଲ ସାର୍ଟିଫିକେଟ ର୍ୟାକେଟର ଚେର ବଲାଙ୍ଗୀରରୁ ଉତରପ୍ରଦେଶ ପର୍ଯ୍ୟନ୍ତ ଲମ୍ବିଥିଲା । ଆଉ ଏଥିଲେ ତାର ମାଷ୍ଟରମାଇଣ୍ଡ । ପୋଲିସ ଚଢ଼ାଉ ପରେ ଜବତ କରିଛି ପ୍ରାୟ ୪୧ଟି ଶିକ୍ଷାନୁଷ୍ଠାନର ପ୍ରାୟ ହଜାରରେ ଅଧିକ ଜାଲ ସାର୍ଟିଫିକେଟ୍ । କୁହାଯାଉଛି ଏହି ର୍ୟାକେଟ ସାରା ଓଡିଶାକୁ ବ୍ୟାପିଥିଲା । ଏହି ପ୍ରସଙ୍ଗ ଉଠାଇ ବିଧାନସଭାରେ ବର୍ଷିଛନ୍ତି ବିରୋଧୀ । ପୋଲିସର କହିବା ଅନୁସାରେ ଏହି ର୍ୟାକେଟ ୭ରୁ ୮ବର୍ଷ ହେଲାଣି ଚାଲିଥିଲା । ଯଦି ଏହା ସତ ହୋଇଥାଏ ତାହେଲେ ଜାଲ ସାର୍ଟିଫିକେଟ ଦେଇ ଅନେକ ଚାକିରି କରିଥାଇ ପାରନ୍ତି । ଆଉ ମେଧାବୀ ଯୁବକ-ଯୁବତୀ ଚାକିରିରୁ ବଂଚିତ ହୋଇଥାଇପାରନ୍ତି । ତେଣୁ ତଦନ୍ତ ହେବା ଅତି ଜରୁରୀ ।

### ନୂତନ ମୁଖ୍ୟ ନିର୍ବାଚନ....

ତାଙ୍କର କାର୍ଯ୍ୟକାଳ ମଧ୍ୟରେ ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ଶ୍ରୀ ଲୋହାନୀ ସାତଗୋଟି ବିଧାନସଭାର ଉପନିର୍ବାଚନ ସୁରୁଖୁରୁରେ ପରିଚାଳନା କରିଛନ୍ତି । ନିର୍ବାଚନ କାର୍ଯ୍ୟରେ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ସହଯୋଗ କରିଥିବାରୁ ଶ୍ରୀ ଲୋହାନୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସଂଘମିତ୍ରା ଶତପଥୀ ଫୁଲତୋଡ଼ା ଦେଇ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟାଳୟର ଓଏସ୍‌ଡ଼ି ଭବାନୀ ପ୍ରସାଦ ରାୟ, ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ସାହୁ, ବିତ ଅଧିକାରୀ ସଂଜୟ କୁମାର ଲୁଗୁନ, ଅନୁଶାସନ ସଚିବ ଶିବପ୍ରସାଦ ନାୟକଙ୍କ ସମେତ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ।

## ବରିଷ୍ଠ ଶିକ୍ଷକଙ୍କୁ ୪ ଦିନିଆ ଟ୍ରେନିଂ 'ପ୍ରାରମ୍ଭ'ର ଆରମ୍ଭ

ଜଳେଶ୍ୱର, ୨୮/୩(ନି.ପ୍ର): ଜଳେଶ୍ୱର ବ୍ଲକର ଖୁଲୁଡା ଶୀତଳା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୪ ସିଆରସିସି ଶିକ୍ଷା ମଣ୍ଡଳରୁ ଆସିଥିବା ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦିଆଯାଇଛି । ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡ. ଅଜିତ୍ ମହାନ୍ତି ସଭାପତିତ୍ୱ କରିଥିଲେ। ପ୍ରଶିକ୍ଷକଭାବେ କୃଷ୍ଣ ଚରଣ ମାଝି, ଶ୍ରୀକାନ୍ତ ଧଳ, ରାମଚନ୍ଦ୍ର ଜେନା ଓ ମିନା ପରିଡା ପ୍ରାରମ୍ଭ ସଂପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଏଥିରେ ଅଂଜନ କୁମାର ପ୍ରଧାନ, ସଂଜୟ କୁମାର ପାକଳଙ୍କ ପରିଚାଳନାରେ ୫୧ଜଣ ଶିକ୍ଷକଙ୍କୁ ତାଲିମ ଦିଆଯାଇଥିଲା । ରେମୁଣା ଡାଏଟ୍‌ର କର୍ମଚାରୀ ରଘୁନାଥ ଦାସ, ଅଜୟ କୁମାର ବେହେରା ଏହି ପ୍ରଶିକ୍ଷଣ ଶିବିର ପରିଦର୍ଶନ କରିଥିଲେ। ସଂଜୟ କୁମାର ଗିରି ମଂଚ ଆହ୍ୱାନ ଓ ଆରତୀ ଦେ ଧନ୍ୟବାଦ ଅର୍ପଣ କରିଥିଲେ।

## ଯାତ୍ରୀବାହୀ ବସ୍ ଧକ୍କାରେ ଷଣ୍ଢ ଗୁରୁତର

ଜଳେଶ୍ୱର, ୨୮/୩(ନି.ପ୍ର): ଗତ ବିଳମ୍ବିତ ରାତିରେ କୋଲକତାରୁ ଭୁବନେଶ୍ୱର ଯାଉଥିବା ଘରୋଇ ବସ୍ ଧକ୍କାରେ ଜଳେଶ୍ୱର ମଂଗଳା ମନ୍ଦିର ନିକଟରେ ଏକ ଷଣ୍ଢଟି ଗୁରୁତର ହୋଇଥିଲା । କାଉନ୍‌ସିଲର ଚନ୍ଦନ ଦାସ ନେତୃତ୍ୱରେ ସ୍ଥାନୀୟ ଯୁବକମାନେ ଷଣ୍ଢଟିକୁ ସ୍ଥାନୀୟ ଶୀତଳା ମନ୍ଦିର ନିକଟରେ ରଖି ସେବା ସୁଶ୍ରୁଷା କରୁଛନ୍ତି ।

## ଏନଏଚ ୫୫ର କାମ ଶୀଘ୍ର ଶେଷ କରାଯାଉ : ଅରୁଣ ସାହୁ

ଭୁବନେଶ୍ୱର, ୨୮/୦୩ (ନି.ପ୍ର): ରାଷ୍ଟ୍ରୀୟ ରାଜମାର୍ଗ ୫୫ର କାମ ଦୀର୍ଘ ଦିନ ଧରି ଚାଲିଛି ଓ ରାସ୍ତାଟି ମରଣ ଯନ୍ତାରେ ପରିଣତ ହୋଇଛି । ତେଣୁ ଏହି ଜାତୀୟ ରାଜପଥର କାମକୁ ଶୀଘ୍ର ସାରିବାକୁ ବିଜେଡି ବିଧାୟକ ଅରୁଣ ସାହୁ ବିଧାନସଭାରେ ଦାବି କରିଛନ୍ତି । ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ଶ୍ରୀ ସାହୁ କହିଛନ୍ତି ଯେ ଏହି ରାସ୍ତାଟି ପଶ୍ଚିମ ଓଡିଶା ପାଇଁ ଜୀବନ ରେଖା । ହେଲେ ଦୀର୍ଘ ଦିନ ଧରି ଏହାର କାମ ଚାଲିଛି ଓ କାମ ସରୁ ନାହିଁ । ଲକ୍ଷ ଲକ୍ଷ ଦୈନିକ ହଇରାଣ ହେଉଛନ୍ତି । ଏହି ମାମଲାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ମନ୍ତ୍ରୀ ନୀତିନ ଗଡକରୀ ପତ୍ର ଲେଖି ସାରିଛନ୍ତି । ତେଣୁ ବିରୋଧୀ ଦଳର ନେତା ମାନେ ଏହି ବିଷୟକୁ କେନ୍ଦ୍ର ସରକାରଙ୍କ ନିକଟରେ ଉଠାନ୍ତୁ । ଏହା ଦ୍ୱାରା ଏହି ଅଂଚଳର ସାଧାରଣ ଲୋକ ମାନେ ଲାଭବାନ ହେବେ ବୋଲି ସେ କହିଛନ୍ତି ।

## ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ବଜ୍ରପାତ ସୁରକ୍ଷା ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ



ନୀଳଗିରି, ୨୮/୦୩ (ନି.ପ୍ର): ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଏନ. ଏସ. ଏସ. ତରଫରୁ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବଜ୍ରପାତ ଜନିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ମଞ୍ଜୁଶ୍ରୀ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ସଚେତନତା ଶିବିରରେ ମୁଖ୍ୟଅତିଥି ଭାବରେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଶ୍ରୀମତୀ କୁକୁମିନା ଦାସ, ବିଷୟ ବିଶେଷଜ୍ଞ ଭାବରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଭୂଗୋଳ ବିଭାଗର ପ୍ରଫେସର ମନୋରଞ୍ଜନ ମିଶ୍ର, ସମ୍ମାନିତ ଅତିଥିଭାବେ ବିଶ୍ୱବିଦ୍ୟାଳୟର ଭୂ - ତତ୍ତ୍ୱ ବିଭାଗର ସହକାରୀ ପ୍ରଫେସର ଡ଼ ଅରୁଣ କୁମାର ନାୟକ, ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ଼ ରବିନାରାୟଣ ବେହେରା, ବିଶ୍ୱବିଦ୍ୟାଳୟର ଭାଷା ଓ ସାହିତ୍ୟ ବିଭାଗର ସହକାରୀ ପ୍ରଫେସର ଡ଼ ପ୍ରହଲ୍ଲାଦ ଖିଲ, ଉପସ୍ଥିତ ରହି ବଜ୍ରପାତ ସମ୍ବନ୍ଧରେ ଛାତ୍ରୀ ମାନଙ୍କୁ ସଚେତନ କରାଇଥିଲେ । ଶିବିର ପ୍ରାରମ୍ଭରେ ଏନ. ଏସ. ଏସ. ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ମୌସୁମୀ ଭୋଳ ଅତିଥି ମାନଙ୍କୁ ମଞ୍ଚ ଆହ୍ୱାନ ପୂର୍ବକ ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପକ ଡ଼ ହରିପଦ ଦାଶ ବେଦପାଠ କରିଥିବାବେଳେ ଛାତ୍ରୀମାନଙ୍କ ମଧ୍ୟରେ ମଧୁସ୍ମିତା ବେହେରା, ଶୁଭଶ୍ରୀ ବେହେରା, ସୁଦେଷ୍ଣା ଦାସ, ଅଂଚଲ ନାୟକ, ଅର୍ଚ୍ଚନା ସାହୁ ସ୍ୱାଗତ ସଂଗୀତଗାନ କରିଥିବାବେଳେ ଏନ. ଏସ. ଏସ. କମାଣ୍ଡର ବର୍ଷାପ୍ରିୟଦର୍ଶିନୀ ସଙ୍କ ତତ୍ତ୍ୱାବଧାନରେ ଏକ ସୁନ୍ଦର ନୀରବ ପରିବେଶ ସୃଷ୍ଟିହେବା ସହ ଶୃଙ୍ଖଳିତ ମନୋଭାବ ଯୋଗୁଁ ବିଶ୍ୱବିଦ୍ୟାଳୟର ଅଧିକାରୀମାନେ ମହାବିଦ୍ୟାଳୟକୁ ଭୂୟସୀ ପ୍ରଶଂସା କରିଥିଲେ । ଶେଷରେ ଅଧ୍ୟାପକ ପ୍ରଦୀପ୍ତ କୁମାର ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ଶିବିରରେ ବରିଷ୍ଠ ଅଧ୍ୟାପିକା ମମତା ବରାଳ, ମମତା ପ୍ରିୟଦର୍ଶିନୀ ସାହୁ, ଡ଼ ଶିବାନୀ ଡଗର, ମୋନାଲିସା ଭୋଳ, ସୁଷମା ସିଂହ, ସହକାରୀ ଅଧ୍ୟାପିକା ନିରୁପମା ନାୟକ, ପବିତ୍ରା ବେହୁରିଆ ଯୋଗଦାନ କରିଥିଲେ ।

## ଭାନୁପୁର ଦିବ୍ୟଜ୍ଞାନ ଶିବମୁନି ଯୋଗାଶ୍ରମର ୪୦ ତମ ବାର୍ଷିକ ଅଧିବେଶନ ପାଳିତ



ଜଳେଶ୍ୱର, ୨୮/୦୩ (ନି.ପ୍ର): ଭାନୁପୁର ଦିବ୍ୟଜ୍ଞାନ ଶିବମୁନି ଯୋଗାଶ୍ରମର ୪୦ ତମ ବାର୍ଷିକ ଅଧିବେଶନ ପାଳନ ସହିତ, ବାର୍ଷିକ ମୁଖପତ୍ର ଆତ୍ମତୀର୍ଥ ର ଉନ୍ମୋଚନ ଉତ୍ସବ ଏକ ସହିତ, ଆଶ୍ରମର ସ୍ଥାୟୀ ଅଧ୍ୟକ୍ଷ ବ୍ରହ୍ମଜ୍ଞାନୀ ମୁନିବର ପ୍ରଭାକର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଏକ ମନୋଜ୍ଞ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ମହା ସମାରୋହରେ ପାଳିତ ହୋଇଯାଇଛି । ମୁଖ୍ୟ ବକ୍ତା ହିସାବରେ ଯୋଗଦାନ କରିଥିଲେ, ବ୍ରହ୍ମଜ୍ଞାନୀ ଭାଗବତାଚାର୍ଯ୍ୟ, ଯୋଗାଚାର୍ଯ୍ୟ ଦାମୋଦର ମୁନିଜୀ ମହୋଦୟ। ମୁଖ୍ୟ ଅତିଥି ହିସାବରେ ଯୋଗଦାନ କରିଥିଲେ, ଆତ୍ମଜ୍ଞାନୀ ବରିଷ୍ଠ ଯୋଗୀ ସୁରେନ୍ଦ୍ର ମୁନିଜୀ ମହୋଦୟ ।ସମ୍ମାନୀତ ବକ୍ତା ହିସାବରେ ଯୋଗଦାନ କରିଥିଲେ, ଆତ୍ମଜ୍ଞାନୀ ଯୋଗୀ ଡା ପଦ୍ମନାଭ ପ୍ରଧାନ ମହୋଦୟ, ଆତ୍ମଜ୍ଞାନୀ ଯୋଗୀ ମହିମ ମୁନିଜୀ ମହୋଦୟ, ଯୋଗୀ କୃପାସିନ୍ଧୁ ମୁନି ଜୀ ମହୋଦୟ ଏବଂ ଯୋଗୀ କେଦାର ମୁନିଜୀ ମହୋଦୟ ଇତ୍ୟାଦି। ସମ୍ମାନୀତ ଅତିଥି ହିସାବରେ ଯୋଗଦାନ କରିଥିଲେ, ଆତ୍ମଜ୍ଞାନୀ ଯୋଗୀ ଗଦାଧର ମୁନି, ଯୋଗୀ ଅଙ୍କୁର ମୁନି, ଯୋଗୀ ଲକ୍ଷ୍ମୀଧର ମୁନି ପ୍ରମୁଖ। ଆଧ୍ୟାତ୍ମିକ ମୁନି-ସଙ୍ଗୀତ ଗାନ କରିଥିଲେ, ଆତ୍ମଜ୍ଞାନୀ କଣ୍ଠଶିଳ୍ପୀ ଯୋଗଶିକ୍ଷୟତ୍ରୀ କମଳିନୀ ଦେ ମହୋଦୟା, ମୁନିମତୀ ନୟନା, ଏବଂ ଗଦାଧର ମୁନି ପ୍ରମୁଖ ।ବାର୍ଷିକ ବିବରଣୀ ପାଠ କରିଥିଲେ, ଯୋଗୀ ହରିଶ୍ଚନ୍ଦ୍ର ମୁନି ଜୀ ମହୋଦୟ । ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ, କରାଯାଇ ଜ୍ଞାନଯଜ୍ଞର ଶୁଭାରମ୍ଭ କରାଯାଇଥିଲା । ମୁନିସମାଜର ଯମ ନିୟମ ପାଳନ ପୂର୍ବକ ଯଦି ଜଣେ ପ୍ରତିଦିନ ଯୋଗ ସାଧନ କରିଚାଲେ ତେବେ ସେ ନିଶ୍ଚୟ ଆତ୍ମଦର୍ଶନ ସହିତ ସୁଖ-ଶାନ୍ତି-ଆନନ୍ଦମୟ, ନିରୋଗ ନିରାମୟ ଯୋଗମୟ ଜୀବନ ଯାପନ କରି ଚାଲିବ ଏଥିରେ ସନ୍ଦେହର ଅବକାଶ ନାହିଁ ବୋଲି ସମସ୍ତ ବକ୍ତାମାନେ ତାଙ୍କ ବକ୍ତବ୍ୟରେ ମତବ୍ୟକ୍ତ କରିଥିଲେ । ଶେଷରେ ସିଦ୍ଧ-ସାଧକ ଆତ୍ମତୀର୍ଥ ର ସମ୍ପାଦକ ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ସୁଧାଂଶୁ ଶେଖର ମୁନିଜୀ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ସ୍ୱାଦିଷ୍ଟ ଏକାତ୍ମ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।

## ପୂର୍ବତନ ସରପଞ୍ଚଙ୍କ ବିୟୋଗରେ ବସ୍ତାରେ ଶୋକସଭା ଅନୁଷ୍ଠିତ



ବସ୍ତା, ୨୮/୦୩ (ନି.ପ୍ର): ବସ୍ତା ଅଂଚଳ ର ବିଶିଷ୍ଟ ସମାଜସେବୀ ପୂର୍ବତନ ସରପଞ୍ଚ ତଥା ବସ୍ତା ବ୍ଲକ କଂଗ୍ରେସ କମିଟି ର ସାଧାରଣ ସମ୍ପାଦକ ବସ୍ତା ମାଟିର ମଣିଷ ସ୍ୱର୍ଗତ ଦେବେନ୍ଦ୍ର ନାୟକ ବିୟୋଗ ରେ ଆଜି ବସ୍ତା ସ୍ଥିତ ଘୋଷ କଲ୍ୟାଣ ମଣ୍ଡପ ରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅବସରପ୍ରାପ୍ତ ପ୍ରଧାପକ ବିଜୟ ଘୋଷ ଙ୍କ ସଭାପତିତ୍ୱ ରେ ତଥା ଜିଲ୍ଲା କଂଗ୍ରେସ କମିଟି ର ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଯେନା ଓ ପୁର୍ବତନ ସମିତି ସଭ୍ୟ ରବିନ୍ଦ୍ର ଦାସ ଙ୍କ ଆବହକ୍ୱତ ରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି।ଦଳ ମତ ନିର୍ବିଶେଷରେ ବିଭିନ୍ନ ବର୍ଗର ବ୍ୟକ୍ତି ମାନେ ଉପସ୍ଥିତ ହୋଇ ଲୋକ ପ୍ରିୟ ଜନ ନେତା ସ୍ୱର୍ଗତ ଦେବେନ୍ଦ୍ର ନାୟକଙ୍କ ସ୍ମୃତି ଉଚ୍ଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ନାୟକ ସବୁବେଳେ ମଣିଷ ଙ୍କ ପାଇଁ ଉଦାର ଥିଲେ ସେ ବହୁ ଅନୁଷ୍ଠାନ ଗଢ଼ିବା ରେ ବିନ୍ଧାଣି ଥିଲେ ବସ୍ତା ବାସୀ ତାଙ୍କୁ କେବେ ଭୁଲି ପାରିବିନି ସେ ମାଟର ମଣିଷ ଥିଲେ ବୋଲି ସମସ୍ତେ ତାଙ୍କ ବକ୍ତବ୍ୟରେ ମତବ୍ୟକ୍ତ। ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭା ରେ ପୁର୍ବତନ ବିଧାୟକ ଦେବୀ ପ୍ରଶନ୍ନ ଚଣ୍ଡବିଜେଡି ରାଜ୍ୟ ସାଧାରଣ ସଂମ୍ପାଦକ ଶ୍ୟାମାପ୍ରସାଦ ବେହେରା ବସ୍ତା ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତା ବସ୍ତା ବ୍ଲକ ବିଜେଡି ସଭାପତି ଅନୀଲ କୁମାର ମହାନ୍ତି, ଅବସରପ୍ରାପ୍ତ ଶିକ୍ଷା ବିତ ଗଗନ ବିହାରୀ ଜେନା ସରପଞ୍ଚ ଡଃ ନଗେନ୍ଦ୍ର କୁମାର ସିଂ ଅବସରପ୍ରାପ୍ତ ପ୍ରଶାସକ ଶଙ୍କର୍ଷଣ କର ପୁର୍ବତନ ଜିଲ୍ଲା ପରିଷଦ ସଭ୍ୟ ମହାଦେବଦାସ ସମାଜସେବୀ ରବିନ୍ଦ୍ର ଜୈନ୍ ପୁର୍ବତନ ସମିତି ସଭ୍ୟ ପ୍ରିୟବ୍ରତ ମହାପାତ୍ର କିଶୋର କୁମାର ପାଳ ଜୟନ୍ତ କୁମାର ମହାପାତ୍ର ପୁର୍ବତନ ସରପଞ୍ଚ ବିଶୁ ସିଂ ନରେନ୍ଦ୍ର ଦାସ ଅରୁଣ ମଣ୍ଡଳ ଗୋକୁଳାନନ୍ଦ ଜେନା ଶିକ୍ଷା ବିତ ଲକ୍ଷ୍ମୀ ନାରାୟଣ ସାହୁ ପ୍ରଶନ ବେହେରା ବରିଷ୍ଠ ସାମ୍ବାଦିକ ଶୁଶାନ୍ତ ପ୍ରଧାନ ଦ୍ୟୁତି କୃଷ୍ଣ ଦାସ ମହାପାତ୍ର, ଗୌରାଙ୍ଗ ସେଠୀ ଜୀବନ ପ୍ରଧାନ ଶୁଶାନ୍ତ ପରିଡ଼ା ବ୍ରଜେନ୍ଦ୍ର ଗିରି ଆମର ଗିରି ବିଭିନ୍ନ ବର୍ଗର ବ୍ୟକ୍ତି ଉପସ୍ଥିତ ରହି ସ୍ମୃତି ଉଚ୍ଚାରଣ କରିଥିଲେ । ସେହିପରି ବସ୍ତା ସିଦ୍ଧି ବିନାୟକ ମନ୍ଦିର କମିଟି ପକ୍ଷରୁ ମଧ୍ୟ ଶୋକସଭା ଅନୁଷ୍ଠିତ ହୋଇଥିଲା।

## ଜଳେଶ୍ୱର ପୌରପାଳିକାରେ ସ୍ୱୟଂ ସହାୟକ ମହାସଂଘ ପକ୍ଷରୁ ନିଶା ନିବାରଣ ସଚେତନତା

ଜଳେଶ୍ୱର, ୨୮/୦୩ (ନି.ପ୍ର): ଆଜି ଅପରାହ୍ନରେ ଜଳେଶ୍ୱର ପୌରପାଳିକାର ନହଞ୍ଜରା ୧୫ ନଂ ୱାର୍ଡ ପକ୍ଷରୁ ନିଶାନିବାରଣ ଲାଗି ସଚେତନତା ଅଭିଯାନ ନିଖିଳେଶ୍ୱର ସ୍ୱୟଂ ସହାୟକ ମହାସଂଘ ପକ୍ଷରୁ ଆରମ୍ଭ ହୋଇଥିଲା । ଏଥିରେ କାଉନସିଲର ଉମା ହେମ୍ବ୍ରମ , ସଭାପତି ରଶ୍ମିତା ପରିଡା, ସଂପାଦକ ମୌସୁମି ପରିଡା, କବିତା ବ୍ରହ୍ମ, ସୁଶ୍ମିତା ପରିଡା, ଗିତାଞ୍ଜଳି ଜେନା, ସୁସ୍ମିତା ସି, କାମିନି ବେହେରା, ବନ୍ଦନା ପରିଡା, ଝୁନାରାଣୀ ଧଳ, ଗିତାରାଣୀ କରଣ, ନିରୂପମା ଜେନା, ଯାନକୀ ଚନ୍ଦ ପ୍ରମୁଖ ସଚେତନତା ଯାତ୍ରା ଗାଁର ଶିବ ମନ୍ଦିର ନିକଟରୁ ସ୍କୁଲ ପର୍ଯ୍ୟନ୍ତ ହୋଇଥିଲା ।

## କାର୍ତ୍ତିକ ଚନ୍ଦ୍ର ଦାସଙ୍କ ଏକାଦଶାହ ସ୍ମୃତି ସଭା

### ମୃତ୍ୟୁ ଏକ ରହସ୍ୟମୟ ପ୍ରହେଳିକା : କର୍ତ୍ତବ୍ୟନିଷ୍ଠ ମଣିଷ ହିଁ ମୃତ୍ୟୁଞ୍ଜୟୀ



ଜଳେଶ୍ୱର ୨୮/୩(ନି.ପ୍ର): ଜନ୍ମ ଓ ମୃତ୍ୟୁ ମଧ୍ୟରେ ମୃତ୍ୟୁ ହି ରହସ୍ୟମୟ ପ୍ରହେଳିକା ଯାହା ଧ୍ରୁବସତ୍ୟ । କିନ୍ତୁ କର୍ତ୍ତବ୍ୟନିଷ୍ଠ ମଣିଷର କେବେ ମୃତ୍ୟୁ ହୋଇପାରେନା, ତାର ସାଧନା, କର୍ତ୍ତବ୍ୟନିଷ୍ଠା, ତାକୁ ସବୁଦିନ ବଂଚାଇରଖେ ବୋଲି ଆଜି ସଂଧ୍ୟାରେ ବିଶିଷ୍ଟ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଦାସଙ୍କ ଏଦାଦଶାହ ସ୍ମୃତି ସଭାରେ ମତପ୍ରକାଶ ପାଇଛି । ଆୟୋଜିତ ସଭାରେ କବି ନରୋତ୍ତମ ପ୍ରଧାନ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ବିପିନ ବିହାରୀ ବିଶ୍ୱାଳ ସ୍ୱର୍ଗତ କାର୍ତ୍ତିକ ଚନ୍ଦ୍ର ଦାସଙ୍କୁ ଜଣେ କର୍ମବୀର, ସରଳ, ଛାତ୍ରବତ୍ସଳ, ବାମପନ୍ଥୀ ଚିନ୍ତାଚେତନତାର ବ୍ୟକ୍ତିତ୍ୱ, ଆଦର୍ଶ ପିତା, ସାଲିସ ବିହିନ ଓ ସାରସ୍ୱତ ସାଧକ ବୋଲି ଚିତ୍ରଣ କରିଥିଲେ। ମୁଖ୍ୟବକ୍ତାଭାବେ ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ କବି କାଳିପଦ ପଣ୍ଡା ଯୋଗ ଦେଇ ଉପାନ୍ତ ଅଂଚଳରେ ଭାଷା ସାହିତ୍ୟ ସଂସ୍କୃତିର ଜାଗ୍ରତ ପ୍ରହରୀ ଭଳି କାର୍ଯ୍ୟ କାରି ଆସିଥିବାର କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଶାରାମ ମହାପାତ୍ର, ବାମପନ୍ଥୀ ନେତା ଶିଶିର ହୁଇ, ଦିଲ୍ଲିପ ଗିରି, ସିତାଂଶୁ ସେନାପତି, ଡ. ଅଜିତ୍ କୁମାର ମହାନ୍ତି, ମନୋଜ ମହାନ୍ତି, କପିଳେଶ୍ୱର ମହାନ୍ତି, ଗୋପିନାଥ ଜେନା, ସୁଦାମ ପାତ୍ର, ଅବନୀ ଚାନ୍ଦ, ବଙ୍କିମ ଚନ୍ଦ୍ର ଦେ, ନିକୁଞ୍ଜ ଘୋଷ, ବସନ୍ତ ଦାସ, ରଂଜନ ଘୋଷ, ଶଶିକାନ୍ତ ପ୍ରଧାନ, ଦିଲ୍ଲିପ ସେଠୀ, ଶରତଚନ୍ଦ୍ର ପରିଡା, ବନମାଳୀ ଘୋଷ, ଖଗେନ୍ଦ୍ର ସାହୁ, ରାଜଶ ଜେନା, ହରେନ୍ଦ୍ର ପାତ୍ର, ରବିନ୍ଦ୍ର ଦାସ, ସୁବଳ ପାତ୍ର, ଭାଗବତଚନ୍ଦ୍ର ପରିଡା, ନିରଞ୍ଜନ ଦାସ, ଦୁର୍ଗଶଂକର ଗିରି, ଅନନ୍ତ ଗିରି ପ୍ରମୁଖ ବକ୍ତବ୍ୟ ରଖି ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ । ସାନଭାଇ ରାମହରି ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଉତ୍କଳମଣ୍ଡପରେ ଅନୁଷ୍ଠିତ ହେବ ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ସମାରୋହ, ଯୋଗଦେବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୮/୦୩ (ନି.ପ୍ର): ଭୁବନେଶ୍ୱରର ଉତ୍କଳମଣ୍ଡପଠାରେ ଅପ୍ରେଲ ଏକ ତାରିଖ ସନ୍ଧ୍ୟାରେ ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଉଥିବାବେଳେ ଓଡ଼ିଶା ବିଧାନସଭାର ବାଚସ୍ପତି ବିକ୍ରମ କେଶରୀ ଆରୁଖ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବେ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଂଚାୟତିରାଜ ଓ ପାନୀୟଜଳ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ପ୍ରଦିପ କୁମାର ଅମାତ, ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ବିଜ୍ଞାନ ଓ କାରିଗରୀ, ସରକାରୀ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର (ଉତର) ବିଧାୟକ ସୁଶାନ୍ତ କୁମାର ରାଉତ, ଭୁବନେଶ୍ୱର ମହାନଗର ନିଗମ ମେୟର ଶ୍ରୀମତୀ ସୁଲୋଚନା ଦାସ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ସେହିପରି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହେବାକୁ ଥିବା ଓଡ଼ିଶା ଦିବସ ସମାରୋହରେ ପ୍ରମୁଖ ଆବାସିକ ଆୟୁକ୍ତ, ନୂଆଦିଲ୍ଲୀ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଜିଲ୍ଲାସ୍ତରୀୟ ଉତ୍ସବମାନଙ୍କରେ ସଂପୃକ୍ତ ଜିଲ୍ଲାର ଜିଲ୍ଲା ପରିଷଦ ଅଧକ୍ଷମାନେ ମୁଖ୍ୟ ଅତିଥି ଭାବେ ଯୋଗଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଷ୍ପତି ଗ୍ରହଣ କରାଯାଇଛି ।


**WORKS DEPARTMENT**
**OFFICE OF THE SUPERINTENDING ENGINEER, BHADRAK (R&B) DIVISION**

e-mail:-bhadrakrndivision@gmail.com
**Government of Odisha "e" Procurement Notice**
**Bid Identification No. E.E (R&B) BDK-3/ 2022-23.**
**No.- 1867 / dt. 23.03.2023**

1. Nature of work :- Building Works (Civil), Drain work
2. Number of works :- 5 No's Building works, 1 No Drain work.
3. Amount put Tender :- Rs. 12,69,520/-, 12,52,444/-, 12,29,919/-, 12,16,311/-, 12,28,528/-, 10,76,119/-
4. Class of Contractor:- "C" & "D"
5. Date & Time of availability of bid document in the portal : - Dt.05.04.2023 at 11.00 AM.
6. Last Date / Time of receipt of bid document in the portal :- Dt.15.04.2023 up to 05.00 PM.
7. Date of opening of bid :- Dt. 17.04.2023 at 11.00 AM.
8. Name & address of the Office inviting bid :- Executive Engineer, Bhadrak (R&B) Division
9. The bidders have to participate in ONLINE bidding only, Further details can be seen from the e-procurement portal "http//tendersodisha.gov.in." All future corrigendum will be available on ONLINE mode only.

OIPR : 34079/11/0021/2223

Executive Engineer
Bhadrak (R&B) Division

